بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ:

କମ୍ଫୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ ବଦର୍ Weekly BADAR Qadian କାଦିଆନ Odia

ସଂଖ୍ୟା: 47

ବାର୍ଷିକ ଦେୟ : 600/-

28 ଜୁମାଦିଉଲ୍ ଅୱଲ୍, 1447 ହି.କ, 20 ନବୁୱତ୍ 1404 ହି.ଶ,

20 November 2025 ମସିହା

www.akhbarbadr.in

## ଅଲାଃତାଲାଙ୍କ ବାଣୀ

وَقَضٰی رَبُّکَ اَلَّا تَعۡبُدُوۡۤا اِلَّاۤ اِیَّاہُ وَبِالۡوَالِدَیۡنِ اِحۡسَانًا ؕ اِمَّا یَبۡلُغَنَّ عِنۡدَکَ الۡکِبَرَ اَحَدُہُمَاۤ اَوۡ کِلٰہُمَا فَلَا تَقُلۡ لَّہُمَاۤ اُفٍّ وَّلَا تَنۡہَرۡہُمَا وَقُلۡ لَّہُمَا قَوۡلًا کَرِیۡمًا ○ (ବନି ଇସ୍ରାଇଲ୍: 24)

**ଅନୁବାଦ:** ତୁମ୍ଭ ପାଳନକର୍ତ୍ତା ଏ ବିଷୟରେ ଚେତାବନୀପୂର୍ବକ ଆଦେଶ ଦେଇଛନ୍ତି ଯେ ତୁମେମାନେ ତାହାଙ୍କ ବ୍ୟତୀତ କାହାରି ଉପାସନା କର ନାହିଁ ଏବଂ ମାତାପିତାଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କର । ଯଦି ତୁମ ଜୀବିତାବସ୍ଥାରେ ସେ ଦୁଇଜଣଙ୍କ ମଧ୍ୟରୁ ଜଣଙ୍କର ବା ଉଭୟଙ୍କର ବାର୍ଦ୍ଧକ୍ୟ ଆସିଯାଏ ତେବେ ସେମାନଙ୍କ ପ୍ରତି କୌଣସି କଥାରେ ଅସନ୍ତୋଷ ବ୍ୟକ୍ତ କରିବା ନାହିଁ କି କୌଣସି କଟୁ ମନ୍ତବ୍ୟ ପ୍ରଦାନ କରିବ ନାହିଁ, ସେମାନଙ୍କୁ ଭର୍ତ୍ସନା କର ନାହିଁ, ସେମାନଙ୍କ ସହିତ ସର୍ବଦା କୋମଳ ବଚନରେ କାଥବାର୍ତ୍ତା କର ।

## ଅହମଦିୟା ଖବର

**ଅଲହମଦୁ ଲିଲ୍ଲାଃ !** ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । **ଆମିନ୍ ।**

## ଆଁହଜରତ ସ.ଅଙ୍କ ବାଣୀ

### ମତାପିତାଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ :

عَنۡ اَبِیۡ ھُرَیۡرَۃَ رَضِیَ اللّٰہُ عَنۡہُ قَالَ : جَآءَ رَجُلٌ اِلٰی رَسُوۡلِ اللّٰہِ صَلَّی اللّٰہُ عَلَیۡہِ وَسَلَّمَ فَقَالَ یَا رَسُوۡلَ اللّٰہِ! مَنۡ اَحَقُّ النَّاسِ بِحُسۡنِ صَحَابَتِیۡ؟ قَالَ: اُمُّکَ ۔ قَالَ ثُمَّ مَنۡ؟ قَالَ: اُمُّکَ ۔ قَالَ ثُمَّ مَنۡ؟ قَالَ: اُمُّکَ ۔ قَالَ ثُمَّ مَنۡ؟ قَالَ: اَبُوۡکَ ۔ وَفِیۡ رِوَایَۃٍ، یَا رَسُوۡلَ اللّٰہِ! مَنۡ اَحَقُّ بِحُسۡنِ الصُّحۡبَۃِ؟ قَالَ اُمُّکَ ثُمَّ اُمُّکَ ثُمَّ اُمُّکَ ثُمَّ اَبُوۡکَ ثُمَّ اَدۡنَاکَ اَدۡنَاکَ ۔

ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଜଣେ ବ୍ୟକ୍ତି ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ଏବଂ କହିଲା, ଲୋକମାନଙ୍କ ମଧ୍ୟରୁ କେଉଁ ବ୍ୟକ୍ତି ସହିତ ମୁଁ ସର୍ବାଧିକ ଉତ୍ତମ ଆଚରଣ ପ୍ରଦର୍ଶନ କରିବି ? ଆପଣ ସ.ଅ କହିଲେ, ତୁମର ମାତା। ପୁନଶ୍ଚ ସେହି ବ୍ୟକ୍ତି ଜଣକ ଆଁହଜରତ ସ.ଅଙ୍କୁ ପଚାରିଲା ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋ ମାତାଙ୍କ ପରେ ଆଉ କାହା ପ୍ରତି ମୁଁ ଉତ୍ତମ ଆଚରଣ ପ୍ରଦର୍ଶନ କରିବି ? ଆପଣ ସ.ଅ କହିଲେ, ତୁମର ମାତା । ପୁନଶ୍ଚ ସେହି ବ୍ୟକ୍ତି ଜଣକ ଆଁହଜରତ ସ.ଅଙ୍କୁ ପଚାରିଲା ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋ ମାତାଙ୍କ ପରେ ଆଉ କାହା ପ୍ରତି ମୁଁ ଉତ୍ତମ ଆଚରଣ ପ୍ରଦର୍ଶନ କରିବି ? ଆପଣ ସ.ଅ କହିଲେ, ତୁମର ମାତା । ପୁନଶ୍ଚ ସେହି ବ୍ୟକ୍ତି ଜଣକ ଆଁହଜରତ ସ.ଅଙ୍କୁ ଚତୁର୍ଥ ଥର ପାଇଁ ପଚାରିଲା ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ମୋ ମାତାଙ୍କ ପରେ ଆଉ କାହା ପ୍ରତି ମୁଁ ଉତ୍ତମ ଆଚରଣ ପ୍ରଦର୍ଶନ କରିବି ? ଆପଣ ସ.ଅ କହିଲେ, ତୁମର ପିତା । ତୁମର ପିତାଙ୍କ ପ୍ରତି ତୁମେ ଉତ୍ତମ ଆଚରଣ ପ୍ରଦର୍ଶନ କର । କାରଣ ପିତାଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କରାଯିବାରେ ସେ ସର୍ବାଧିକ ଅଧିକାରୀ ତଥା ଯୋଗ୍ୟ ଅଟନ୍ତି । ପୁନଶ୍ଚ କ୍ରମଶଃ ତୁମ ନିକଟ ସଂପର୍କୀୟମାନଙ୍କ ପ୍ରତି ତୁମେ ଉତ୍ତମ ଆଚରଣ ପ୍ରଦର୍ଶନ କର।**(ସହି ବୁଖାରୀ କିତାବୁଲ୍ ଅଦବ୍, ବାବ୍-ମନ୍ ଅହକ୍କନ୍ ନାସା ବି ହୁସ୍‌ନିସ୍ ସୁହବତା ୱ ମୁସଲିମ୍) (ହଦିକତୁସ୍ ସାଲିହିନ୍, ଲେଖକ-ମଲକ୍ ସୈଫୁଲ୍ ରହ୍‌ମାନ ସାହେବ, ହଦିସ୍ ନଂ-394)**

## (ବିଶେଷ ସୂଚନା)

ଏତଦ୍ଦ୍ୱାରା ଜମାଅତ୍‌ର ସମସ୍ତ ସଦସ୍ୟବୃନ୍ଦଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଇଂଲଣ୍ଡରେ ଶୀତ ଋତୁ (Winter Time) ଆରମ୍ଭ ହେବା ଯୋଗୁଁ ତା-31 ଅକ୍ଟୋବର 2025 ମସିହା ଠାରୁ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଜୁମା ପୂର୍ବବତ୍ ଏମ୍.ଟି.ଏରେ ନିମ୍ନ ଲିଖିତ ସମୟାନୁଯାୟୀ ପ୍ରସାରିତ ହେବ **ଇନ୍‌ଶାଅଲ୍ଲାଃ:**

ଇସ୍‌ଲାମାବାଦ୍ (ବ୍ରିଟେନ୍): 1.00 GMT

କାଦିୟାନ୍ (ଭାରତ): ସନ୍ଧ୍ୟା 6.30 P.M ସମୟରେ

(ସମ୍ପାଦକ ମଣ୍ଡଳୀ ବଦର୍)

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

### ଈଶ୍ୱର ଏହା ଚାହିଁଲେ ଯେ, ତୁମେମାନେ ତାହାଙ୍କ ବ୍ୟତୀତ ଅନ୍ୟ କାହାରି ଉପାସନା କର ନାହିଁ ଏବଂ ମାତାପିତାଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କର ।

ଈଶ୍ୱର ଏହା ଚାହିଁଲେ ଯେ, ତୁମେମାନେ ତାହାଙ୍କ ବ୍ୟତୀତ ଅନ୍ୟ କାହାରି ଉପାସନା କର ନାହିଁ ଏବଂ ମାତାପିତାଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କର। ବାସ୍ତବରେ ଏହା କିପରିକା ଈଶ୍ୱରଙ୍କ ଉପାସନା ଯେ, ମନୁଷ୍ୟ ଶିଶୁ ହୋଇଥାଏ ଏବଂ କୌଣସି ପ୍ରକାରର ସାମର୍ଥ୍ୟ ତା' ମଧ୍ୟରେ ନଥାଏ ? ଏହି ଅବସ୍ଥାରେ ମାତା ନିଜ କଅଁଳ ଶିଶୁଟିର କି କି ସେବା କରିଥାଏ ଓ ଉକ୍ତ ଅଭିଯାନରେ ପିତା ଶିଶୁ ଓ ମାତାର ଲାଳନ ପାଳନ ଦାୟିତ୍ୱ ବହନ କରିଥାଏ । ଈଶ୍ୱର ନିଜର କୃପା ଦ୍ୱାରା ଅସାମର୍ଥ୍ୟ ପ୍ରାଣୀଙ୍କର ଯତ୍ନ ନେବା ନିମନ୍ତେ 2ଟି ସ୍ଥାନ ସୃଷ୍ଟି କରି ଦେଇଛନ୍ତି । ଈଶ୍ୱର ନିଜ ପ୍ରେମର ଆଲୋକ ମାଧ୍ୟମରେ ପ୍ରେମର ଏକ ଛାୟୀ ସେମାନଙ୍କ ମଧ୍ୟରେ ସୃଷ୍ଟି କରି ଦେଇଛନ୍ତି । କିନ୍ତୁ ଏକଥା ମନେରଖିବା ଉଚିତ୍ ଯେ, ମାତାପିତାଙ୍କ ପ୍ରେମ ସାମୟିକ ଅଟେ ଏବଂ ଈଶ୍ୱରଙ୍କ ପ୍ରେମ ବାସ୍ତବିକ ଅଟେ । ଯେପର୍ଯ୍ୟନ୍ତ ହୃଦୟ ମଧ୍ୟରେ ଅଲ୍ଲାଃତାଲାଙ୍କ ତରଫରୁ ସେହି ପ୍ରେମ ଜାତ ହୋଇ ନାହିଁ, ସେ ପଛେ କୌଣସି ବ୍ୟକ୍ତି କିମ୍ବା ସଦସ୍ୟ ଅବା ବନ୍ଧୁ ହୋଇଥାଉ ନା କାହିଁକି ତଥା ସମକକ୍ଷ ହୋଇଥାଉ ନା କାହିଁକି ସେପର୍ଯ୍ୟନ୍ତ ମନୁଷ୍ୟ କାହା ସହିତ ପ୍ରେମ ପ୍ରଦର୍ଶନ କରିପାରିବ ନାହିଁ । ଏହା ଈଶ୍ୱରଙ୍କ ପୂର୍ଣ୍ଣ ଐଶ୍ୱିରିକତାର ରହସ୍ୟ ଯେ ମାତାପିତା ନିଜର ସନ୍ତାନକୁ ଏପରି ପ୍ରେମ କରନ୍ତି ଯେ, ମାତାପିତାମାନେ ନିଜ ସନ୍ତାନର ଲାଳନ ପାଳନରେ ପ୍ରତ୍ୟେକ ପ୍ରକାରର ଦୁଃଖ ଦୁର୍ଦ୍ଦଶାକୁ ମୁଣ୍ଡପାତି ଓ ସହାସ୍ୟ ବଦନରେ ସ୍ୱୀକାର କରି ନେଇଥାଆନ୍ତି । ଏପର୍ଯ୍ୟନ୍ତି ସେମାନଙ୍କ ଜୀବନ ନିମନ୍ତେ ମରିବାକୁ ମଧ୍ୟ ପଛାନ୍ତି ନାହିଁ ।

**(ରୁୖଦାଦେ ଜଲ୍‌ସା ଦୁଆ, ପୃ-11)**

ହୁଜୁର ଅ.ସ କହିଲେ, **فَلَا تَقُلۡ لَّہُمَاۤ اُفٍّ وَّلَا تَنۡہَرۡہُمَا وَقُلۡ لَّہُمَا قَوۡلًا کَرِیۡمًا** ସେମାନଙ୍କ ପ୍ରତି କୌଣସି କଥାରେ ଅସନ୍ତୋଷ ବ୍ୟକ୍ତ କରିବା ନାହିଁ କି କୌଣସି କଟୁ ମନ୍ତବ୍ୟ ପ୍ରଦାନ କରିବ ନାହିଁ । ସେମାନଙ୍କୁ ଭର୍ତ୍ସନା କର ନାହିଁ । ସେମାନଙ୍କ ସହିତ ସର୍ବଦା କୋମଳ ବଚନରେ କାଥବାର୍ତ୍ତା କର । ଉପରୋକ୍ତ ଆୟତ୍‌ରେ ଆଁହଜରତ ସ.ଅ ସମ୍ବୋଧକ ଅଟନ୍ତି କିନ୍ତୁ ପ୍ରକୃତ ତାତ୍ପର୍ଯ୍ୟ ମୁସଲମାନ ଧର୍ମାବଲମ୍ବୀମାନେ ଅଟନ୍ତି । କାରଣ ଆଁହଜରତ ସ.ଅଙ୍କ ମାତାପିତା ଆପଣଙ୍କ ଶୈଶବାବସ୍ଥାରେ ହିଁ ମୃତ୍ୟୁବରଣ କରିଥିଲେ । ଉକ୍ତ ଆଦେଶରେ ଏକ ରହସ୍ୟ ମଧ୍ୟ ନିହିତ ରହିଛି ତାହା ଏହିକି ଯେ, ଉକ୍ତ ଆୟତରୁ ଜଣେ ବୁଦ୍ଧିମାନ ବ୍ୟକ୍ତି ମଧ୍ୟ ବୁଝି ପାରିବ ଯେ, ଯେତେବେଳେ ଅଲ୍ଲାଃତାଲା ଆଁହଜରତ୍ ସ.ଅଙ୍କୁ ସମ୍ବୋଧିତ କରିଛନ୍ତି ଯେ, ହେ ମୁହମ୍ମଦ୍ ସ.ଅ ! ତୁମ୍ଭେ ନିଜ ମାତାପିତାଙ୍କେ ପ୍ରତି ସମ୍ମାନ ପ୍ରଦର୍ଶନ କର ଏବଂ ପ୍ରତ୍ୟେକ ପ୍ରକାରର କାଥାବାର୍ତ୍ତାରେ ସେମାନଙ୍କର ମର୍ଯ୍ୟାଦାକୁ ଧ୍ୟାନରେ ରଖିବା ଉଚିତ୍ । ପୁନଶ୍ଚ ଅନ୍ୟମାନଙ୍କୁ କିଭଳି ନିଜ ଅଭିଭାବକମାନଙ୍କର ସମ୍ମାନ ପ୍ରଦର୍ଶନ କରିବା ଉଚିତ୍ ? ଏଥିପ୍ରତି ଅନ୍ୟ ଏକ ଆୟତ୍‌ରେ ଇଙ୍ଗିତ ରହିଛି, ତାହା ଏହିକି ଯେ, **وَقَضٰی رَبُّکَ اَلَّا تَعۡبُدُوۡۤا اِلَّاۤ اِیَّاہُ وَبِالۡوَالِدَیۡنِ اِحۡسَانًا** ଅର୍ଥାତ୍ ତୁମ୍ଭ ପାଳନକର୍ତ୍ତା ଏବିଷୟରେ ଚେତାବନୀପୂର୍ବକ ଆଦେଶ ଦେଇଛନ୍ତି ଯେ ତୁମେମାନେ ତାହାଙ୍କ ବ୍ୟତୀତ କାହାରି ଉପାସନା କର ନାହିଁ ଏବଂ ମାତାପିତାଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କର । ଉକ୍ତ ଆୟତ୍‌ରେ ମୂର୍ତ୍ତି ପୂଜକମାନଙ୍କୁ ଏହା ବୁଝାଇ ଦିଆଯାଇଛି ଯେ, ମୂର୍ତ୍ତିର କୌଣସି ବାସ୍ତବତା ଓ ସତ୍ୟତା ନାହିଁ । ଏହି ମୂର୍ତ୍ତିମାନେ ତୁମମାନଙ୍କ ଉପରେ କୌଣସି ଉପକାର କରି ନାହାନ୍ତି କି ସେମାନେ ତୁମକୁ ଜନ୍ମ ଦେଇ ନାହାନ୍ତି ଏବଂ ତୁମମାନଙ୍କର ଲାଳନପାଳନ ଓ ଭରଣପୋଷଣର ଦାୟିତ୍ୱ ମଧ୍ୟ ବହନ କରି ନାହାନ୍ତି । ଯଦି ଈଶ୍ୱର ଉଚିତ୍ ବୋଲି ମନେକରି ଥାଆନ୍ତେ ଯେ, ତାହାଙ୍କ (ଈଶ୍ୱରଙ୍କ) ସହିତ ଅନ୍ୟର ଉପାସନା କରାଯାଉ ତେବେ ସେ ଏହି ଆଦେଶ ଦେଇଥାଆନ୍ତେ ଯେ, ହେ ମାନବଜାତି ଓ ହେ ମୁହମ୍ମଦ୍ ସ.ଅ! ତୁମେ(ମାନେ) ନିଜ ମାତାପିତାଙ୍କର ମଧ୍ୟ ଉପାସନା କର । କାରଣ ସେମାନେ ମଧ୍ୟ ତୁମମାନଙ୍କର ଭୌତିକ (ଲୌକିକ) ପାଳନକର୍ତ୍ତା ଅଟନ୍ତି ଏବଂ ଏପର୍ଯ୍ୟନ୍ତକି ପ୍ରତ୍ୟେକ ବ୍ୟକ୍ତି, ପଶୁ ଓ ପକ୍ଷୀ ସ୍ୱଭାବତଃ ନିଜର ସନ୍ତାନମାନଙ୍କ

ବାଲ୍ୟାବସ୍ଥାରେ ଅବକ୍ଷୟ ତଥା ବିନଷ୍ଟରୁ ରକ୍ଷା କରି ଥାଆନ୍ତି । ତେଣୁ ଈଶ୍ୱରଙ୍କ ଉପାସନା, ଈଶ୍ୱରଙ୍କ ଆରାଧନା ପରେ ସେମାନଙ୍କର (ଅଭିଭାବକମାନଙ୍କର ନିଜ ସନ୍ତାନମାନଙ୍କ ପ୍ରତି ଲାଳନ ପାଳନର ଦାୟିତ୍ୱ ଓ ସନ୍ତାନମାନଙ୍କର ନିଜର ମାତାପିତାଙ୍କ ବୃଦ୍ଧାବସ୍ଥାରେ ଲାଳନ ପାଳନର ଦାୟିତ୍ୱ) ମଧ୍ୟ ଲାଳନ ପାଳନର ଦାୟିତ୍ୱ ରହିଛି । ଲାଳନ ପାଳନର ଏହି କର୍ତ୍ତବ୍ୟ ମଧ୍ୟ ଈଶ୍ୱରଙ୍କ ପକ୍ଷରୁ ହିଁ ନିର୍ଦ୍ଧାରିତ ଓ ନିୟତିକୃତ ହୋଇଛି । **(ହକିକତୁଲ୍ ୱହି, ପୃ-204-205)** ☆--☆--☆

## ଇସଲାମ୍ ଧର୍ମ ଅଭିଭାବକ (ମାତିପିତା)ମାନଙ୍କ ସେବା କରିବା ନିମନ୍ତେ ବିଶେଷ ରୂପେ ଆଦେଶ ଦେଇଛି ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାଃ ବନି ଇସ୍ରାଇଲ୍‌ର ଆୟତ୍ ସଂଖ୍ୟା 24 وَقَضٰى رَبُّكَ اَلَّا تَعۡبُدُوۡۤا اِلَّاۤ اِيَّاهُ وَبِالۡوَالِدَيۡنِ اِحۡسَانًا ○ اِمَّا يَبۡلُغَنَّ عِنۡدَكَ الۡكِبَرَ اَحَدُهُمَاۤ اَوۡ كِلٰهُمَا فَلَا تَقُلْ لَّهُمَاۤ اُفٍّ وَّلَا تَنۡهَرۡهُمَا وَقُلْ لَّهُمَا قَوۡلًا كَرِيۡمًا ○ ର ବ୍ୟାଖ୍ୟା କରି କୁହନ୍ତି: ଅଲ୍ଲାଃତାଲା ଏକେଶ୍ୱରବାଦର ଆଦେଶ ଦେବା ପରେ ଅଭିଭାବକମାନଙ୍କ ସଂକ୍ରାନ୍ତରେ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ନିମନ୍ତେ ଆଦେଶ ଦେଲେ । କାରଣ ଗୋଟିଏ ଉତ୍ତମ ଆଚରଣ ତଥା ଉପକାର ଅନ୍ୟ ଏକ ଉତ୍ତମ ଆଚରଣ ବା ଉପକାରର ମର୍ଯ୍ୟାଦା ଆଡ଼କୁ ଧ୍ୟାନ ଆକର୍ଷିତ କରିଥାଏ ।"

وَبِالۡوَالِدَيۡنِ اِحۡسَانًا ଅର୍ଥାତ୍ ଈଶ୍ୱରଙ୍କର ଦୟା (ଆଶୀର୍ବାଦ) ସେମାନଙ୍କ ଉପରେ ରହିଛି । اىْ اَحْسِنُوْا بِالْوَالِدَيْنِ اِحْسَانًا ଅର୍ଥାତ୍ ଅଲ୍ଲାଃତାଲା ତ' ଗୋଟିଏ ଆଦେଶ ଏହା ଦେଇଛନ୍ତି ଯେ, ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହାରିକୁ ଉପାସ୍ୟ ରୂପେ ତୁମେ ଗ୍ରହଣ କରିବ ନାହିଁ । ଦ୍ୱିତୀୟତଃ ନିଜର ଅଭିଭାବକମାନଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କର । ଉକ୍ତ ବାକ୍ୟରେ ଅତ୍ୟନ୍ତ ସୁନ୍ଦର ଓ ସୂକ୍ଷ୍ମ ପନ୍ଥା ଅବଲମ୍ବନ କରାଯାଇଛି। ମନୁଷ୍ୟ ଈଶ୍ୱରଙ୍କ ଉପକାରକୁ ଶୁଝି ପାରିବ ନାହିଁ, କି ତାହାଙ୍କର ଉପକାରର ପ୍ରତିଫଳ ପ୍ରଦାନ କରିପାରିବ ନାହିଁ ।

ତେଣୁ ଈଶ୍ୱରଙ୍କ ଏହା ବର୍ଣ୍ଣନା କଲେ ଯେ, ହେ ମାନବ ! ତୁମେମାନେ ଉପକାର ତ' କରିପାରିବ ନାହିଁ । ତେଣୁ ତୁମେମାନେ ଅନ୍ୟାୟରୁ ବର୍ତ୍ତିବାକୁ ପ୍ରୟାସ କର । କିନ୍ତୁ ଅଭିଭାବକମାନଙ୍କ ଉପକାରର ପ୍ରତିଫଳ ଅବଶ୍ୟ ପ୍ରଦାନ କରି ପାରିବ । ସେଇଥି ପାଇଁ ସେମାନଙ୍କ ସଂପର୍କରେ ସକାରାତ୍ମକ ଆଦେଶ ଦେଲେ । ଇସ୍‌ଲାମ୍ ଧର୍ମ ଅଭିଭାବକ (ମାତିପିତା)ମାନଙ୍କ ସେବା କରିବା ନିମନ୍ତେ ବିଶେଷ ରୂପେ ଆଦେଶ ଦେଇଛି । ଆଁହଜରତ୍ ସ.ଅ କହିଲେ, مَنْ اَدْرَكَ اَحَدَ وَالِدَيْهِ ثُمَّ لَمْ يُغْفَرْ لَهُ فَاَبْعَدَهُ اللّٰهُ عَزَّوَجَلَّ **(ରୱାହୁ ଅହମଦ୍, ଇବ୍‌ନେ କସିର୍ ଗ୍ରନ୍ଥଖଣ୍ଡ-6, ପୃ-61)** ଅର୍ଥାତ୍ ଯେଉଁ ବ୍ୟକ୍ତିକୁ ନିଜ ମାତାପିତାଙ୍କ ମଧ୍ୟରୁ ଜଣକର ବି ସେବା କରିବାକୁ ଅବସର ପ୍ରାପ୍ତ ହୁଏ ଏବଂ ସେହି ବ୍ୟକ୍ତିର ପାପକୁ ଯଦି କ୍ଷମା ନକରାଯାଏ ତେବେ ସେହି ବ୍ୟକ୍ତି ଉପରେ ଈଶ୍ୱର ଅଭିଶାପ ପକାଇ ଥାଆନ୍ତି । କହିବାର ତାତ୍ପର୍ଯ୍ୟ ଏହିକି ଯେ, ପୁଣ୍ୟର ଏପରି ସୁବର୍ଣ୍ଣ ସୁଯୋଗ ମିଳିବା ପରେ ବି ଯଦି ସେ ଈଶ୍ୱରଙ୍କ କୃପା ଲାଭ କରି ପାରିଲା ନାହିଁ ତେବେ ସ୍ୱର୍ଗ ପର୍ଯ୍ୟନ୍ତ ପହଞ୍ଚିବା ନିମନ୍ତେ ସେହି ବ୍ୟକ୍ତି ପକ୍ଷେ ଅନ୍ୟ କୌଣସି ମାଧ୍ୟମ ଆଉ ନାହିଁ । **(ତଫ୍‌ସିର୍ କବିର୍, ଭାଗ-6, ପୃ-180, ସଂସ୍କରଣ-2010 ମସିହା)**

### ହଜରତ୍ ମୁସଲେହ୍ ମଉଦ୍ ର.ଅଙ୍କ କଲ୍ୟାଣମୂଳକ ପ୍ରସାଦ

☆--☆--☆

### ବିଗତ ସଂଖ୍ୟା-46, ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମା 09-02-2024ର ଅବଶିଷ୍ଟାଂଶ....

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ମଧ୍ୟରେ ସ୍ୱାମୀଙ୍କ ବ୍ୟତୀତ ଗୋଟିଏ ପୁତ୍ର ସନ୍ତାନ ଏବଂ ତିନୋଟି କନ୍ୟା ସନ୍ତାନ ଅଛନ୍ତି। ସ୍ୱର୍ଗତାଙ୍କ ସୁପୁତ୍ର ଏହସାନୁଲ୍ଲାଃ ସାହେବ ଅଟନ୍ତି । ଏହସାନୁଲ୍ଲାଃ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି ଏବଂ ସେ ଆଜିକାଲି ସ୍ପେନ୍‌ରେ ସେବା କରିବାକୁ ସାମର୍ଥ୍ୟ ଲାଭ ପାଉଛନ୍ତି । କର୍ମଭୂମିରେ ଥିବା ହେତୁ ନିଜ ମାତାଶ୍ରୀଙ୍କ ଯନାଜାଃରେ ତଥା କବରରେ ମାଟି ଦେବାରେ ସାମିଲ୍ ହୋଇ ପାରିଲେ ନାହିଁ । ଆହୁରି ଅନେକ କାରଣମାନ ରହିଥିଲା। ସ୍ୱର୍ଗତା ମହୋଦୟାଙ୍କ ସ୍ୱାମୀ ମହୋଦୟ କରାମତୁଲ୍ଲାଃ ଖାଦିମ୍ ସାହେବ ମଧ୍ୟ ୱାକ୍‌ଫେ ଜିନ୍ଦିଗୀ (ଉତ୍ସର୍ଗୀକୃତ ଜୀବନ) ଅଟନ୍ତି । ତାଙ୍କ ଜ୍ୱାଇଁ ମହୋଦୟ ଆସିଫ୍ ମହମୁଦ୍ ବଟ୍ ସାହେବ ମଧ୍ୟ ମୁବଲ୍ଲିଗ୍ ସିଲସିଲା ଅଟନ୍ତି । ଆପଣ ତାନ୍‌ଜାନିୟାରେ ସେବା କରିବାକୁ ସାମର୍ଥ୍ୟ ଲାଭ ପାଉଛନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତଙ୍କ ସୁପୁତ୍ର ତଥା ମୁବଲ୍ଲିଗ୍ ସିଲ୍‌ସିଲା ଶ୍ରୀଯୁକ୍ତ ଏହସାନୁଲ୍ଲାଃ ସାହେବ ଉଲ୍ଲେଖ କରନ୍ତି ଯେ, ମାତାଶ୍ରୀ ଆମମାନଙ୍କ ନିମନ୍ତେ ସର୍ବଦା ଦୁଆର ଛତ୍ରଛାୟା କରି ରଖୁଥିଲେ । ଆପଣ କରୁଣ ତଥା ଆକୁଳ ହୋଇ ନମାଜ୍ ତହଜ୍ଜୁଦ୍ ପାଠ କରୁଥିଲେ ।

## ଖବରକାଗଜ ସାପ୍ତାହିକ ବଦର୍ ନିଜେ ପଢନ୍ତୁ ଓ ନିଜର ଅନ୍ୟ ବନ୍ଧୁ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ମଧ୍ୟ ଉକ୍ତ ସାପ୍ତାହିକ ଖବରକାଗଜ ପାଠ କରିବା ପ୍ରତି ଉତ୍ସାହିତ କରନ୍ତୁ ଓ ସେମାନଙ୍କୁ ଅନୁପ୍ରାଣିତ ମଧ୍ୟ କରନ୍ତୁ ।

ସୟେଦିନା ହଜରତ ଖଲିଫତୁଲ ମସିହିଲ୍ ଖାମିସ୍ ଅୟେଦହୁଲ୍ଲାଃ ବଦରର୍ ବେଶେଷ ସଂଖ୍ୟା 2014 ମସିହା ଡିସେମ୍ବର ମାସ ପାଇଁ ନିଜର ସନ୍ଦେଶ ପ୍ରେରଣ କରି କହିଲେ: "ବଦର୍‌ର ସମ୍ପାଦକମଣ୍ଡଳୀମାନଙ୍କୁ ଓ ପାଠକବୃନ୍ଦମାନଙ୍କୁ ଉକ୍ତ କଥା ସର୍ବଦା ମନେରଖିବା ଉଚିତ୍ ଯେ, ଏହି ଖବରକାଗଜ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଆଧ୍ୟାତ୍ମିକ ସଂଶୋଧନ ଏବଂ ଉନ୍ନତି ସକାଶେ ଜାରି କରାଯାଇଥିଲା ଏବଂ ଆମମାନଙ୍କର ଗୁରୁଜନମାନେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ପୂର୍ଣ୍ଣ ସାହସିକତାର ସହିତ ଉକ୍ତ ଖବରକାଗଜକୁ ସର୍ବଦା ଜାରି ରଖିବା ନିମନ୍ତେ ଉଦ୍ୟମ କରିଥିଲେ । ସେହି ଗୁରୁଜନ ଅର୍ଥାତ୍ ପୂର୍ବପୁରୁଷମାନଙ୍କର ଦୁଆ, ପବିତ୍ର ଉଦ୍ୟମଜନିତ କଲ୍ୟାଣ ବଳରେ ଆଜି ପର୍ଯ୍ୟନ୍ତ ଉକ୍ତ ଖବରକାଗଜ ଅବ୍ୟାହତ (ଜାରି) ରହିଛି । ଉକ୍ତ କଥା ସେହି ପ୍ରସଙ୍ଗକୁ ଆଶା କରେ କି ଅଧିକରୁ ଅଧିକ ଅହମଦିମାନେ ଉକ୍ତ ଖବରକାଗଜକୁ ପାଠ କରନ୍ତୁ ଓ ତହିଁରୁ ଉପକୃତ ହୁଅନ୍ତୁ । ଅଲ୍ଲାଃତାଲାଙ୍କ କୃପାରୁ ଭାରତ ଓ ପାକିସ୍ତାନର ଅହମଦିମାନଙ୍କୁ ବିଶେଷ କରି ଅନ୍ୟ ଦେଶରେ ବାସ କରୁଥିବା ଅହମଦିମାନଙ୍କୁ ଉକ୍ତ ଖବରକାଗଜ ଅଧ୍ୟୟନ କରିବା ପ୍ରତି ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେହିପରି ଉକ୍ତ ଖବରକାଗଜ ସହିତ ଯେଉଁ କଲ୍ୟାଣ ସଂଶ୍ଳିଷ୍ଟ ଓ ନିହିତ ରହିଛି ତାହାକୁ ସାଉଁଟିବା ନିମନ୍ତେ ଅଲ୍ଲାଃତାଲା ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।"

ସୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଉକ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଅଧ୍ୟାତ୍ମ ଚକ୍ଷୁ ବର୍ଦ୍ଧକ ଉପଦେଶାବଳୀକୁ ଦୃଷ୍ଟି ସମ୍ମୁଖରେ ରଖି ଜମାଅତ୍ ଅହମଦିୟାର ସଦସ୍ୟବୃନ୍ଦଙ୍କ ସେବାରେ ଅନୁରୋଧ କରାଯାଉଅଛି ଯେ, ଜମାଅତର ପ୍ରତ୍ୟେକଟି ଘରମାନଙ୍କରେ ସାପ୍ତାହିକ ଖବରକାଗଜ ବଦର୍‌ର ଅଧ୍ୟୟନକୁ ସୁନିଶ୍ଚିତ କରାଯିବା ନିହାତି ଜରୁରୀ ଅଟେ । ବଦର୍‌ରେ ପବିତ୍ର କୁରଆନ୍, ହଦିସ୍ ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ନୀତିବାଣୀ ବ୍ୟତୀତ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଜୁମା, ଉଦ୍‌ବୋଧନୀ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଭିନ୍ନ ଦେଶର ଗସ୍ତ ସଂପର୍କିତ ଅତ୍ୟନ୍ତ ରୋଚକ ଓ ବିଶ୍ୱାସବର୍ଦ୍ଧକ ରିପୋର୍ଟସ୍ ନିୟମିତ ରୂପେ ପ୍ରକାଶିତ ହୋଇଥାଏ । ତେଣୁ ଏସବୁକୁ ଅଧ୍ୟୟନ ଏବଂ ପାଠ କରିବା ପ୍ରତ୍ୟେକ ଅହମଦି ପକ୍ଷେ ନିତାନ୍ତ ଜରୁରୀ ଅଟେ । ଅଲ୍ଲାଃତାଲାଙ୍କ କୃପାରୁ ସୟେଦିନା ହୁଜୁର ଅନ୍‌ୱର୍[ଅ.ବ]ଙ୍କ ଦୟା ବଳରେ ବର୍ତ୍ତମାନ ଉକ୍ତ ଖବରକାଗଜ ଉର୍ଦ୍ଦୁ ଭାଷା ବ୍ୟତୀତ ନାନା ପ୍ରାଦେଶିକ ଭାଷା ଯଥା-ହିନ୍ଦୀ, ବଂଗଳା, ତାମିଲ୍ ତେଲୁଗୁ, ମାଲିୟାଲମ୍, ଓଡ଼ିଆ ଓ କନ୍ନଡ୍ ଇତ୍ୟାଦି ଭାଷାରେ ମଧ୍ୟ ପ୍ରକାଶିତ ହେଉଅଛି । ଅତଏବ୍ ଯେଉଁ ଅହମଦି ବନ୍ଧୁମାନେ ଏପର୍ଯ୍ୟନ୍ତ ଖବରକାଗଜ ବଦର୍ ନିଜ ନାମରେ ଜାରି କରାଇ ନାହାନ୍ତି, ସେମାନଙ୍କୁ ସବିନୟ ଅନୁରୋଧ କରାଯାଉଅଛି ଯେ ସେମାନେ ଖବରକାଗଜ ବଦର୍ ନିଜ ନାମରେ ଜାରି କରାଇ ନିଜେ ପଢନ୍ତୁ ଏବଂ ନିଜର ଅନ୍ୟ ବନ୍ଧୁ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ମଧ୍ୟ ଉକ୍ତ ସାପ୍ତାହିକ ଖବରକାଗଜ ପାଠ କରିବା ପ୍ରତି ଆଗ୍ରହ ସୃଷ୍ଟି କରି ସେମାନଙ୍କୁ ଉତ୍ସାହିତ ଓ ଅନୁପ୍ରାଣିତ କରନ୍ତୁ । ଅଲ୍ଲାଃତାଲା ଆମମାନଙ୍କୁ ପ୍ରକୃତ ଆତ୍ମାର ସହିତ ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଅ.ବଙ୍କ ଆଦେଶାବଳୀ ଉପରେ ସଂପୂର୍ଣ୍ଣ ରୂପେ କାର୍ଯ୍ୟାନୁସରଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । ଖବରକାଗଜ ବଦର୍ ଯଥା ସମୟରେ ନପହଞ୍ଚିବା, ଚାନ୍ଦା ପୈଠ କରିବା ,ଅନ୍ୟ ଯେକୌଣସି ସମସ୍ୟା, ସୂଚନା ଓ ତଥ୍ୟ ପ୍ରାପ୍ତ କରିବା ନିମନ୍ତେ ସାପ୍ତାହିକ ବଦର୍‌ର ମ୍ୟାନେଜର୍ ସାହେବଙ୍କ ସହିତ ଯୋଗାଯୋଗ କରନ୍ତୁ । **ଯଜାକୁମୁଲ୍ଲାଃ । (ସମ୍ପାଦକ)**

## 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧ୍ୟାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ଓ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

## (ଖୁତ୍‌ବା ଜୁମା)

ଆଁହଜରତ ସ.ଅ ଅଦି ବିନ୍ ହାତିମ୍‌କୁ କହିଲେ, ହେ ଅଦି ! ସମ୍ଭବତଃ ତୁମକୁ ଇସ୍‌ଲାମ୍ ଧର୍ମରେ ପ୍ରବିଷ୍ଟ ହେବାକୁ ତୁମର ଧର୍ମ ଅଟକାଉଛି । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଖୁବ୍ ଶୀଘ୍ର ଏତେ ଧନ ବଣ୍ଟା ହେବ ଯେ, ସେହି ଧନକୁ ନେଲାବାଲା କେହି ମିଳିବ ନାହିଁ । ହେ ଅଦି ! ସମ୍ଭବତଃ ତୁମକୁ ଉକ୍ତ ଧର୍ମରେ ପ୍ରବିଷ୍ଟ ହେବା ନିମନ୍ତେ ଶତ୍ରୁମାନଙ୍କର ସଂଖ୍ୟା ଗରିଷ୍ଠତା ମଧ ଅଟକାଉଛି ? ଇସଲାମ୍ ଧର୍ମର ଅନେକ ଶତ୍ରୁ ରହିଛନ୍ତି । ସେଇଥି ପାଇଁ ତୁମ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାକୁ ସଂକୋଚବୋଧ ପ୍ରକାଶ କରୁଛ ? ଏହା ହିଁ ତୁମର ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାରେ ପ୍ରତିବନ୍ଧକ ସାଜିଛି । ହେ ଅଦି! ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ତୁମେ ଖୁବ୍ ଶୀଘ୍ର ଜଣେ ମହିଳା ସଂପର୍କରେ ଗୋଟେ କଥା ଶୁଣିବା । ସେହି କଥାଟି ଏହିପରି ଯେ, ଉକ୍ତ ମହିଳା ଜଣକ ନିଜର ଓଟ ଉପରେ ହିରାଃ ନାମକ ସ୍ଥାନରୁ ବାହାରି ଉକ୍ତ ଗୃହ ଅର୍ଥାତ୍ ଖାନା କାଆବାର ପରିକ୍ରମା କରିବ ଓ ସେହି ମହିଳା ଜଣକ ଉକ୍ତ ଧର୍ମରେ ପ୍ରବିଷ୍ଟ ହେବାକୁ ଭୟଭୀତ ହେବ ନାହିଁ । ହେ ଅଦି ! ସମ୍ଭବତଃ କ୍ଷମତା ଏବଂ ସରକାର ଅନ୍ୟ ଲୋକଙ୍କ ହାତରେ ରହିଛି ବୋଲି ତୁମକୁ ଉକ୍ତ ଧର୍ମରେ ପ୍ରବିଷ୍ଟ ହେବା ନିମନ୍ତେ ଅଟକାଉଛି । ତେଣୁ ହେ ଅଦୀ ! ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ତୁମେ ଖୁବ୍ ଶୀଘ୍ର ବାବିଲ୍ ଭୂମି ଏବଂ ଧବଳ (ଧଳା ରଙ୍ଗର) ବର୍ଣ୍ଣର ପ୍ରାସାଦ ସଂପର୍କରେ ଶୁଣିବ । ସେହି ପ୍ରାସାଦ ଏମାନଙ୍କ ସକାଶେ ଉନ୍ମୁକ୍ତ (ଖୋଲି) ଦିଆଯାଇଅଛି ଓ କୈସର୍ ତଥା କିସ୍ରାର ରାଜକୋଷ ଏମାନଙ୍କର ସକାଶେ ଉନ୍ମୁକ୍ତ କରିଦିଆଯିବ । ଆଁହଜରତ ସ.ଅ ଉପରୋକ୍ତ କଥାକୁ 3 ଥର ପୁନରାବୃତ୍ତି କଲେ ।

---

ତୁବୁକ୍ ଯୁଦ୍ଧର ମୁଖ୍ୟ କାରଣ ଏହା ହିଁ ପ୍ରତିତ ହୁଏ ଯେ, ମକ୍କା ଜୟ ହେବା ପରେ ଏବଂ ହୁନୈନ୍ ଯୁଦ୍ଧରେ ବନୁ ହୱାଜିନ୍ ସଂପ୍ରଦାୟ ପରି ଶକ୍ତିଶାଳୀ ସଂପ୍ରଦାୟକୁ ଦୃଷ୍ଟାନ୍ତମୂଳକ ଭାବରେ ପରାଜିତ କରିବା ପରେ ଏବଂ ଆରବର ଆଖପାଖର ସଂପ୍ରଦାୟ ଉପରେ ମୁସଲମାନମାନଙ୍କୁ ବିଜୟ ପ୍ରାପ୍ତ ହେବା ପରେ ଇହୁଦୀ, ଖ୍ରୀଷ୍ଟ ଓ କପଟବିଶ୍ୱାସୀମାନେ ପୁଣି ଥରେ ଏକାଠି ହେବାକୁ ଲାଗିଲେ ଏବଂ ନିଜର ସକଳ ଉଦ୍ୟମକୁ ବିଫଳ ହେଉଥିବାର ଦେଖି ସେତେବେଳେ ମହାଶକ୍ତି କୈସରେ ରୋମ୍ ଠାରୁ ସାହାଯ୍ୟ ଲୋଡ଼ିବା ନିମନ୍ତେ ନିଷ୍ପତ୍ତି ନେଲେ । ଏଥି ନିମନ୍ତେ ସେମାନେ ଏକ ବୃହତ୍ ତଥା ଭୟଙ୍କର ଯୋଜନା ମଧ ପ୍ରସ୍ତୁତ କଲେ ।

---

ମକ୍କା ବିଜୟ ପରେ ସଂଘଟିତ ହୋଇଥିବା କେତେକ ସରାୟା (ଯୁଦ୍ଧ) ଏବଂ ତୁବୁକ୍ ଯୁଦ୍ଧର ପୃଷ୍ଠଭୂମିରେ ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀ ଚର୍ଚ୍ଚା ।

---

ରବ୍‌ୱା ସ୍ଥିତ ମସ୍‌ଜିଦେ ମେହ୍‌ଦୀ ଉପରେ ହୋଇଥିବା ଆକ୍ରମଣର ସଂକ୍ଷିପ୍ତ ଚର୍ଚ୍ଚା ।

---

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ଆତଙ୍କବାଦୀମାନଙ୍କୁ ଏବଂ ଆଇନ ଶୃଙ୍ଖଳା ଭଙ୍ଗକାରୀମାନଙ୍କୁ ଓ ଜମାଅତ୍‌ର ବିରୋଧୀମାନଙ୍କୁ ଯଥାଶୀଘ୍ର ଧରନ୍ତୁ ଦଣ୍ଡିତ କରନ୍ତୁ । ଆମିନ୍ ।

---

ଅଲ୍ଲାଃତାଲା ଦେଶର ଶାସକମାନଙ୍କୁ ମଧ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଏବଂ ଯଥାଶୀଘ୍ର ଅଲ୍ଲାଃତାଲା ଜମାଅତ୍ ସପକ୍ଷରେ କୌଣସି ନିଦର୍ଶନ ପ୍ରକଟ କରନ୍ତୁ । ଆମିନ୍ ।

---

10 October 2025 ମସିହା ଅନୁଯାୟୀ ୧୦ ଇଖା ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।

ଖୁତ୍‌ବାର ଉକ୍ତ ମଧବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି।

أَشْهَدُ أَنْ لَّا إِلٰهَ إِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଆଁହଜରତ ସ.ଅ ମକ୍କା ବିଜୟ ପରେ ଏବଂ ମଦିନାରୁ ପ୍ରତ୍ୟାବର୍ତ୍ତନ କରିବା ପରେ ମଧ କେତେକ ଅଭିଯାନର ସମ୍ମୁଖୀନ ହୋଇଥିଲେ । ସେହି ଅଭିଯାନଗୁଡ଼ିକର ମୁଁ ଚର୍ଚ୍ଚା କରିବି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତନ୍ମଧ୍ୟରୁ ଗୋଟିଏ ଅଭିଯାନର ହେଲା ସରିୟା କୈସ୍ ବିନ୍ ସାଆଦ୍ ବିନ୍ ଉବାଦାଙ୍କର । ଉକ୍ତ ସରିୟା ସୁଦା ଅଭିମୁଖେ 8 ହିଜ୍ରୀରେ ହୋଇଥିଲା । ଯେତେବେଳେ ଆଁହଜରତ ସ.ଅ ଜିରାନା ନାମକୁ ସ୍ଥାନରୁ ମଦିନା ଫେରିଲେ ସେତେବେଳେ ଆପଣ ସ.ଅ ଇସ୍‌ଲାମ୍ ଧର୍ମର ପ୍ରଚାର ତଥା ନିମନ୍ତ୍ରଣ ନିମନ୍ତେ ନାନା ଅଞ୍ଚଳରେ ନିଜର ସୈନ୍ୟବାହିନୀକୁ ପ୍ରେରଣ କଲେ । ସୁତରାଂ ମୁହାଜିର୍ ବିନ୍ ଅବି ଉମୈୟହାଙ୍କୁ ଆପଣ ସ.ଅ ସନ୍‌ଆ (ସନ୍‌ଆ ୟମନ୍‌ର ରାଜଧାନୀ ଅଟେ) ଅବଭିମୁଖେ ଏବଂ ଜିୟାଦ୍ ବିନ୍ ଲବିଦ୍‌ଙ୍କୁ ହଜ୍ରା ମୌତ୍ ନାମକ ସ୍ଥାନକୁ ପ୍ରେରଣ କଲେ । ଆପଣ ସ.ଅ ଏକ ସୈନ୍ୟବାହିନୀ ପ୍ରସ୍ତୁତ କଲେ, ସେହି ସୈନ୍ୟବାହୀନୀର ଅମୀର୍ କୈସ୍ ବିନ୍ ସାଆଦ୍‌ଙ୍କୁ ନିଯୁକ୍ତ କଲେ । ଆପଣ ସ.ଅ କୈସ୍ ବିନ୍ ସାଆଦ୍ ର.ଅଙ୍କୁ 400 ଜଣ ବ୍ୟକ୍ତିଙ୍କ ସହିତ ପ୍ରେରଣ କଲେ । କାରଣ ସେ ୟମନ୍‌ର ସୁଦାଆ ସଂପ୍ରଦାୟକୁ ଇସ୍‌ଲାମ୍ ଧର୍ମର ସନ୍ଦେଶ ଦେଇ ଦିଅନ୍ତୁ । ଅନ୍ୟ ଏକ କଥନ ଅନୁଯାୟୀ ଆଁହଜରତ ସ.ଅ କହିଲେ, ସେ ଅର୍ଥାତ୍ କୈସ୍ ବିନ୍ ସାଆଦ୍ ସୁଦାଆ ସଂପ୍ରଦାୟ ସହିତ ଯୁଦ୍ଧ କରନ୍ତୁ । ଯଦି ଉକ୍ତ ବର୍ଣ୍ଣନାଟି ସଠିକ୍ ଅଟେ, ଯଦି ଏହି ସୂଚନାଟି ସଠିକ୍, ଉକ୍ତ ବର୍ଣ୍ଣନାଟି ଅଧିକ ସଠିକ୍ ବୋଲି ମନେହୁଏ ତେବେ ନିଃସନ୍ଦେହ ରୂପେ ସେହି ସଂପ୍ରଦାୟ ମୁସଲମାନମାନଙ୍କୁ କ୍ଷତି ପହଞ୍ଚାଇବା ନିମନ୍ତେ ସୂଚନା ମିଳିଥିଲା ତେବେ ସେହି କଥାକୁ ଶୁଣି ଆପଣ ସ.ଅ ଏହି ପଦକ୍ଷେପ ଗ୍ରହଣ କରିଥିଲେ । ସେହିପରି ଏହା ମଧ ଉଲ୍ଲେଖ ରହିଛି ଯେ, ଆପଣ ସ.ଅ ସେଥି ନିମନ୍ତେ ଏକ ଧବଳ ବର୍ଣ୍ଣର ଧ୍ୱଜା ବାନ୍ଧିଲେ ଏବଂ ଏକ କଳା ରଙ୍ଗର ଧ୍ୱଜା କୈସ୍ ବିନ୍ ସାଆଦ୍‌ଙ୍କୁ ହସ୍ତାନ୍ତର କଲେ । ସେ କନାତ୍ ଉପତ୍ୟକାର ଏକ ପାର୍ଶ୍ୱରେ ଶିବିର ସ୍ଥାପନ କଲେ । କନାତ୍ ମଦିନା ଏବଂ ୱହୋଦ୍ ପର୍ବତ ମଧବର୍ତ୍ତୀ ସ୍ଥାନରେ ମଦିନା ଠାରୁ 3ଟି ବିଖ୍ୟାତ ଉପତ୍ୟକା ମଧ୍ୟରୁ ଅନ୍ୟତମ ଉପତ୍ୟକା ଅଟେ । ହ. କୈସ୍ ର.ଅ ଖଜ୍‌ରଜ୍ ସଂପ୍ରଦାୟର ଅଧିପତି ହ. ସାଆଦ୍ ବିନ୍ ଉବାଦାଙ୍କର ସୁପୁତ୍ର ଥିଲେ । ହ. କୈସ୍ ବିନ୍ ସାଆଦ୍ ର.ଅ ମହାନ୍ ସାହାବାମାନଙ୍କ ମଧ୍ୟରୁ ଗଣ୍ୟ ହେଉଥିଲେ । ମକ୍କା ବିଜୟ ଅବସରରେ ଆଁହଜରତ ସ.ଅ ଯେତେବେଳେ ହ. ସାଆଦ୍ ବିନ୍ ଉବାଦା ର.ଅଙ୍କ ଠାରୁ ଧ୍ୱଜା ଫେରସ୍ତ ନେଇଥିଲେ ସେତେବେଳେ ଆପଣ ସ.ଅ ସେହି ଧ୍ୱଜାକୁ ହ. ସାଆଦ୍ ବିନ୍ କୈସ୍‌ଙ୍କ ସୁପୁତ୍ରକୁ ପ୍ରଦାନ କରିଥିଲେ । ହ. ସାଆଦ୍ ବିନ୍ କୈସ୍‌ଙ୍କ ସୁପୁତ୍ର ଅତ୍ୟନ୍ତ ସ୍ୱଷ୍ଟ ମତପ୍ରଦାନକାରୀ ଏବଂ ସାହସୀ ଅଶ୍ୱାରୋହୀ ରୂପେ ଜଣାଶୁଣା ଥିଲେ । ସେ ଦାନ ଦକ୍ଷିଣାରେ ମଧ ବିଖ୍ୟାତ ଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. କୈସ୍ କନାତ୍ ଶିବିର ସ୍ଥାପନ କରିଥିଲେ କି ସୁଦାଆ ସଂପ୍ରଦାୟର ଜିୟାଦ୍ ବିନ୍ ହାରିସ୍ ନାମକ ଜଣେ ବ୍ୟକ୍ତି ସେହି ବାଟ ଦେଇ ଅତିକ୍ରମ କଲା । ସେ କିଛି କାଳ ପୂର୍ବେ ମୁସଲମାନ ହୋଇ ସାରିଥିଲା । ଯେତେବେଳେ ସେହି ବ୍ୟକ୍ତିକୁ ଉକ୍ତ କଥା ଜ୍ଞାତ ହେଲା କି ମୁସଲମାନ ସଂପ୍ରଦାୟ ସେମାନଙ୍କ ସଂପ୍ରଦାୟ ଉପରେ ଆକ୍ରମଣ କରିବାକୁ ଯାଉଛି ସେତେବେଳେ ସେ ଆଶ୍ଚର୍ଯ୍ୟ ଚକିତ କାହିଁକି ହେଲା ନାହିଁ ? ନିଃସନ୍ଦେହ ତାକୁ ଜଣାଥିବା ଯେ, ଏହି ସଂପ୍ରଦାୟର ଲୋକମାନେ ମୁସଲମାନମାନଙ୍କର କ୍ଷତି ପହଞ୍ଚାଇବାକୁ ଚାହୁଁଛନ୍ତି ଏବଂ ଏମାନେ ବର୍ତ୍ତମାନ ତା' ବିପକ୍ଷରେ ଆସୁଛନ୍ତି । ସେ ଯାହା ହେଉ ସେ ଯେତେବେଳେ ଏହା ଦେଖିଲା କି ସେମାନଙ୍କ ସଂପ୍ରଦାୟ ଉପରେ ଆକ୍ରମଣ ହେବାକୁ ଯାଉଛି ତେବେ ସେ ସେଠାରୁ ସିଧା ସଳଖ ରସୁଲ୍ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ଏବଂ ନିବେଦନ କଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ଯେଉଁ ସୈନ୍ୟବାହିନୀ ପ୍ରେରଣ କରିଛନ୍ତି ସେହି

ସୈନ୍ୟବାହିନୀକୁ ଆପଣ ସ.ଅ ପ୍ରତ୍ୟାହାର କରାଇ ନିଅନ୍ତୁ । ମୁଁ ନିଜ ସଂପ୍ରଦାୟର ଗ୍ୟାରେଣ୍ଟି ଦେଉଛି ଏବଂ ସଂପ୍ରଦାୟର ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାର ପ୍ରତିଶୃତି ମଧ ଦେଉଛି । ଅର୍ଥାତ୍ ଗୋଟିଏ ପ୍ରତିଭୂ (ଗ୍ୟାରେଣ୍ଟୀ) ତ' ଏହିକି ଯେ, ସେମାନେ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବେ ନାହିଁ, ମୁସଲମାନମାନଙ୍କୁ କ୍ଷତି ପହଞ୍ଚାଇ ପାରିବେ ନାହିଁ ଏବଂ ଦ୍ୱିତୀୟତଃ ସେମାନେ ଧୀରେ ଧୀରେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେବେ । ଆପଣ ସ.ଅ ତା' କଥା ସ୍ୱୀକାର କରି ସୈନ୍ୟବାହିନୀକୁ ପ୍ରତ୍ୟାହାର କରାଇ ନେଲେ । ଉକ୍ତ କଥାରୁ ମଧ ଏହା ପ୍ରକାଶିତ ହୁଏ ଯେ, ଅଞ୍ଚଳକୁ ଜୟ କରିବା ଉଦ୍ଦେଶ୍ୟ ନେଇ କିମ୍ବା ଅଧୀନକୁ ଆଣିବା ଉଦ୍ଦେଶ୍ୟରେ ଆପଣ ସ.ଅ ପ୍ରେରଣ କରି ନଥିଲେ । ବରଂ ଇସ୍‌ଲାମ୍ ଧର୍ମର ସନ୍ଦେଶ ପହଞ୍ଚାଇବା ନିମନ୍ତେ ପ୍ରେରଣ କରିଥିଲେ ଓ ମୁସଲମାନମାନଙ୍କୁ ସୁରକ୍ଷିତ ତଥା ନିରାପଦ ରଖିବା ପ୍ରକୃତ ଅଭିପ୍ରାୟ ରହିଥିଲା । ହ. ଜିୟାଦ୍ ବିନ୍ ହାରିସ୍ ଯେପରି ଅଙ୍ଗୀକାର କରିଥିଲେ ସେ ସେହିପରି ହିଁ କାର୍ଯ୍ୟାନୁସରଣ କିରଥିଲେ । ବେଳେବେଳେ ତାଙ୍କ ଜାତିର ଲୋକମାନେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରୁଥିଲେ । ଯଦି କେବଳ ଜୋର୍ ଜବରଦସ୍ତ (ବଳପୂର୍ବକ) ମୁସଲମାନ କରିବା ଉଦ୍ଦେଶ୍ୟ ହୋଇଥାଆନ୍ତା ତେବେ ଧୀରେ ଧୀରେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ନିମନ୍ତେ ଅନୁମତି ହୋଇ ନଥାଆନ୍ତା । ସିଧା ସଳଖ ଏହା କୁହା ଯାଇଥାଆନ୍ତି ଯେ, ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନିଅ ନିଚେତ୍ ତୁମ ନିମନ୍ତେ ଖଡ଼୍ଗ ରହିଛି । ସେ ଯାହା ହେଉ ଏତଦ୍‌ପରେ ଯେତେବେଳେ ସେ ଧୀରେ ଧୀରେ ତବ୍‌ଲିଗ୍ କଲେ ସେତବେଳେ ସେମାନେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲେ। କାରଣ ଗୋଟେ କଥା ହେଲା, ଆକ୍ରମଣ କରିବା, ବଳପୂର୍ବକ ମୁସଲମାନ ଧର୍ମରେ ଦୀକ୍ଷିତ କରିବା ଇତ୍ୟାଦି ପ୍ରସଙ୍ଗ ଇସ୍‌ଲାମ୍ ଧର୍ମ ବିରୁଦ୍ଧୀୟ ଅଟେ । ଏହା ଆଁହଜରତ ସ.ଅ ନିଜର କର୍ମ ଓ ଆଚରଣ ବିରୁଦ୍ଧୀୟ ଅଟେ । ଅତଏବ୍ ସେମାନେ ଯେତେବେଳେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଲେ ସେତେବେଳେ ଆପଣ ସ.ଅ ହ. ଜିୟାଦ୍ ର.ଅଙ୍କୁ ହିଁ ସେମାନଙ୍କର ଅମୀର୍ ରୂପେ ନିଯୁକ୍ତ କରିଦେଲେ ଓ ଆପଣ ସ.ଅ ତାଙ୍କ ସଂପ୍ରଦାୟକୁ ଏକ ଶାନ୍ତିନାମା ମଧ ଲେଖି ଦେଇଥିଲେ । **(ଶରହୁଲ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଗ୍ରନ୍ଥ ଖଣ୍ଡ-4, ପୃ-28-29, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, 1996 ମସିହା) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଯାଦ୍, ଗ୍ରନ୍ଥଖଣ୍ଡ-6, ପୃ-349-350, ଗ୍ରନ୍ଥ ଖଣ୍ଡ-5, ପୃ-222, ଦାରୁଲ୍ କୁତୁବୁଲ୍ ଇଲମିୟାହ, ବୈରୁତ୍, 1993 ମସିହା)(ନୁରୁଲ୍ ୟକିନ୍, ଫି ସିରିତି ସୟେଦିଲ୍ ମୁର୍ସଲିନ୍ ପୃ-247, ଅଲ୍ ମକ୍‌ତବତୁଲ୍ ଅସରିୟାହ୍, ଲିଡ୍ ଟବାଅତି ୱନ୍ ନଶ୍ରି, 2000 ମସିହା)(ଜୀବନୀ ଶବ୍ଦକୋଷ, ପୃ-239, ଜୱାର୍ ଏକାଡ଼େମୀ ପବ୍ଲିକେଶନସ୍, କରାଚୀ, 2003 ମସିହା)(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଗ୍ରନ୍ଥଖଣ୍ଡ-9, ପୃ-387-389, ବଜ୍‌ମେ ଇକବାଲ୍ ଲାହୋର୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅ କହିଲେ, ଯେଉଁ ବ୍ୟକ୍ତି ମୁସଲମାନ ହୋଇଯାଏ ସେହି ବ୍ୟକ୍ତିକୁ ଶାନ୍ତିର ପରୱାନା ଲେଖି ଦେବାର ଆବଶ୍ୟକତା ତ' ନାହିଁ । ଏହା ସେଇଥିପାଇଁ ଉଲ୍ଲେଖ କରିଥିଲେ ଯେ, ସେମାନଙ୍କ ମଧ୍ୟରେ କେତେକ ଲୋକମାନେ ମୁସଲମାନ ହୋଇ ନଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଉ ଏକ ସରିୟା ରହିଛି, ଯାହାର ନାମ ହେଲା ହ. ଉୟୈନା ବିନ୍ ହିସନ୍ ଫଜାରି ର.ଅଙ୍କ ବନି ତମିମ୍ ଅଭିମୁଖେ । ଉକ୍ତ ସରିୟା ମୁହର୍‌ରମ୍ 9 ହିଜ୍ରୀରେ ବନୁ ତମିମ୍ ଅଭିମୁଖେ ହ. ଉୟୈନା ବିନ୍ ହିସନ୍ ର.ଅଙ୍କ ନେତୃତ୍ୱରେ ହୋଇଥିଲା । ଏହାର ପୃଷ୍ଠଭୂମି ଏହିପରି ଯେ, ଆଁହଜରତ ସ.ଅ ହ. ବିଶର୍ ବିନ୍ ସୁଫିୟାନ୍‌ଙ୍କୁ ଖୁଜାଅ ସଂପ୍ରଦାୟର ଶାଖା ବନୁ କାଆବ୍ ଅଭିମୁଖେ ସଦ୍‌କାତା ଅର୍ଥାତ୍ ଜକାତ୍ ଅର୍ଥରାଶି ଆଦାୟ କରିବା ନିମନ୍ତେ ପ୍ରେରଣ କଲେ । ଏହି ଲୋକମାନେ ସୁକ୍‌ୟା ଏବଂ ବନୁ ତମିମ୍‌ର ଭୂମିରେ ବାସ କରୁଥିଲେ । ସୁତରାଂ ହ. ବିଶର୍ ବିନ୍ ସୁଫିୟାନ୍ ର.ଅଙ୍କ ଆଦେଶ ମତେ ବନୁ ଖୁଜାଅ ସଂପ୍ରଦାୟର ଧନ ପ୍ରତ୍ୟେକ ପାର୍ଶ୍ୱରୁ ତାଙ୍କ ପାଖରେ ଏକତ୍ରିତ ହେବାକୁ ଲାଗିଲା । ବନୁ ତମିମ୍ ସଂପ୍ରଦାୟ ଯିଏ ମୁସଲମାନ ନଥିଲା, ତା'କୁ ଉକ୍ତ ଅର୍ଥରାଶି ଅଧିକ ଲାଗିଲା। ତେବେ ଏହି ସଂପ୍ରଦାୟ କହିବାକୁ ଲାଗିଲା ଯେ, ଏହି ଧନ କାହିଁକି ତାଙ୍କ ପାଖରେ ଏକତ୍ରିତ ହେଉଛି ? ତେଣୁ ସେମାନେ ନିଜର ଖଡ଼୍ଗ ବାହାର କରିନେଲେ । ବନୁ ଖୁଜାଅ ସଂପ୍ରଦାୟ କହିଲା, ଆମେମାନେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ସାରିଛୁ ଏବଂ ଏହା ଆମ ଧର୍ମର ଆଦେଶ ଅଟେ ଯେ, ଆମେ ସଦ୍‌କା (ଦାନ ଧର୍ମ) କରୁଛୁ । ତୁମକୁ କି ଅସୁବିଧା ତଥା କଷ୍ଟ ହେଉଛି ? କିନ୍ତୁ ବନୁ ତମିମ୍ ସଂପ୍ରଦାୟ କହିଲା, ହେ ବିଶର୍ ବିନ୍ ସୁଫିୟାନ୍ ! ତୁମେ କୌଣସି ଓଟ ପର୍ଯ୍ୟନ୍ତ ମଧ ପହଞ୍ଚି ପାରିବ ନାହିଁ । କଳହ, ଯୁଦ୍ଧର ଏହି ପରିସ୍ଥିତିକୁ ଦେଖି ହ. ବିଶର୍ ବିନ୍ ସୁଫିୟାନ୍ କୌଣସି ଆଦାୟ ନକରି ସ୍ୱୟଂ ହିଁ ସେଠାରୁ ଫେରି ଆସିଲେ । ଉକ୍ତ କଥାଟି ବନୁ ଖୁଜାଅ ସଂପ୍ରଦାୟ ଉପରେ ଅତ୍ୟନ୍ତ କଷ୍ଟ ବୋଲି ମନେହେଲା, ସେମାନଙ୍କୁ ବହୁତ ଖରାପ ଲାଗିଲା । ବୁନ ଖୁଜାଅ ସଂପ୍ରଦାୟ ବନୁ ତମିମ୍ ସଂପ୍ରଦାୟ ଉପରେ ଆକ୍ରମଣ କରିଦେଲା ଏବଂ ଏହା କହି ତାଙ୍କୁ ସେଠାରୁ ବାହାର କରିଦେଲା ଯେ, ଯଦି ତୁମର ସଂପର୍କ ଏବଂ ପରିଜନ ନଥାଆନ୍ତେ ତେବେ ତୁମେ ନିଜ ସହର ପର୍ଯ୍ୟନ୍ତ ମଧ ପହଞ୍ଚି ପାରନ୍ତ ନାହିଁ । ଆଁହଜରତ ସ.ଅଙ୍କ ପକ୍ଷରୁ ଆମମାନଙ୍କୁ ଅବଶ୍ୟ କୌଣସି ନା କୌଣସି ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ । ବର୍ତ୍ତମାନ ଉକ୍ତ କଥାଟି ଏପରି ଏକ କଥା ଯାହା ତୁମେମାନେ କରିଅଛ ଏବଂ ଆମେମାନେ ଜକାତ୍ ପୈଠ କଲୁ ନାହିଁ । ତୁମେମାନେ ହୁଜୁର ସ.ଅଙ୍କ ପ୍ରତିନିଧିଙ୍କୁ ଅଣଦେଖା କଲ ଏବଂ ତାକୁ ଆମମାନଙ୍କର ଧନରୁ ଜକାତ୍ ନେବାକୁ ଅଟକାଇ ଦେଲ ।

ଅନ୍ୟ ପଟରେ ହ. ବିଶର୍ ବିନ୍ ସୁଫିୟାନ୍ ନବୀ କରୀମ୍ ସ.ଅଙ୍କ ନିକଟକୁ ଆସିଲେ ଏବଂ ଆପଣ ସ.ଅଙ୍କୁ ଘଟଣାକ୍ରମ ସହିତ ଅବଗତ କରାଇଲେ । ଆପଣ ସ.ଅ କହିଲେ: "ଉକ୍ତ ଜାତିକୁ କିଏ ଉଚିତ୍ ଶିକ୍ଷା ଦେବ (ପାନେ ଦେବ) ? ସର୍ବ ପ୍ରଥମେ ଉୟୈନା ବିନ୍ ହିସନ୍ ଲବ୍‌ବୈକ୍ କହିଲେ । ଅର୍ଥାତ୍ ଉୟୈନା ବିନ୍ ହିସନ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଏହି ଜାତିକୁ ଉଚିତ୍ ଶିକ୍ଷା ପ୍ରଦାନ କରିବି । ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅ ହ. ଉୟୈନାହ୍ ବିନ୍ ହିସନ୍ ର.ଅଙ୍କୁ 50ଟି ଆରବ୍ୟ ଅଶ୍ୱାରୋହୀଙ୍କ ସହିତ ବନୁ ତମିମ୍ ଅଭିମୁଖେ ପ୍ରେରଣ କଲେ । ସେହି ଅଶ୍ୱାରୋହୀମାନଙ୍କ ମଧ୍ୟରେ ପ୍ରବାସକାରୀ ଏବଂ ଅନ୍‌ସାରୀମାନଙ୍କ ମଧ୍ୟରୁ କେହି ବି ନଥିଲେ । ଉୟୈନା ନିଜର ସାଥିମାନଙ୍କ ସହିତ ବାହାରିଲେ । ସେ ରାତ୍ର ସମୟରେ ଚାଲୁଥିଲେ ଏବଂ ଦିନବେଳା ଲୁଚି ଯାଉଥିଲେ । ଏପର୍ଯ୍ୟନ୍ତକି ସେ ମରୁଭୂମିରେ ପହଞ୍ଚିଗଲେ ଅର୍ଥାତ୍ ମରୁଭୂମିର ସେହି ସ୍ଥାନରେ ପହଞ୍ଚିଗଲେ ଯେଉଁଠି ବନୁ ତମିମ୍ ଅବସ୍ଥାନ କରିଥିଲେ ଏବଂ ନିଜର ପାଳିତ ଜୀବମାନଙ୍କୁ ଚରାଉଥିଲେ । ଯେତେବେଳେ ବନୁ ତମିମ୍ ସଂପ୍ରଦାୟ ଉକ୍ତ ସୈନ୍ୟବାହିନୀକୁ ଦେଖିଲେ ସେତେବେଳେ ସେମାନେ ସବୁକିଛି ଛାଡ଼ି ସେଠାରୁ ପଳାୟନ କଲେ । ସେମାନଙ୍କର 11 ଜଣ ମହିଳା ଏବଂ 30 ଜଣ ସନ୍ତାନ ବନ୍ଦୀ ହେଲେ । ସେହି ବନ୍ଦୀମାନଙ୍କୁ ଧରି ମଦିନା ଅଣାଗଲା ଏବଂ ନବୀ କରୀମ୍ ସ.ଅଙ୍କ ଆଦେଶାନୁଯାୟୀ ହ. ରମ୍‌ଲା ବିନତ୍ ହାରିସ୍‌ଙ୍କ ଘରେ ରଖାଗଲା ।" **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଯାଦ୍, ଗ୍ରନ୍ଥଖଣ୍ଡ-6, ପୃ-212, ଦାରୁଲ୍ କୁତୁବୁଲ୍ ଇଲମିୟାହ, ବୈରୁତ୍, 1993 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପରେ ବନୁ ତମିମ୍ ସଂପ୍ରଦାୟର 80 କିମ୍ବା 90 ଜଣ ପ୍ରମୁଖ ସଦସ୍ୟମାନଙ୍କର ଏକ ପ୍ରତିନିଧି ଦଳ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲା । ଉକ୍ତ ପ୍ରତିନିଧି ମଣ୍ଡଳରେ ସେମାନଙ୍କ ସଂପ୍ରଦାୟର କେତେକ ସୁବକ୍ତା ଓ କବିମାନେ ମଧ ସାମିଲ୍ ଥିଲେ । ଯେତେବେଳେ ଲୋକମାନେ ନମାଜ୍ ଜୁହର୍ ନିମନ୍ତେ ରସୁଲ୍ କରୀମ୍ ସ.ଅଙ୍କୁ ଅପେକ୍ଷା କରିଥିଲେ ସେତେବେଳେ ଏହି ପ୍ରତିନିଧିମାନେ ସମସ୍ତେ ମସ୍‌ଜିଦ୍‌କୁ ଆସିଲେ । ପ୍ରତିନିଧିମଣ୍ଡଳର ଲୋକମାନେ ଏହା ବୁଝିଲେ ଯେ, ସମ୍ଭବତଃ ଆପଣ ସ.ଅ ବିଳମ୍ବ କରି ଦେଇଛନ୍ତି ସେତେବେଳେ ସେହି ଲୋକମାନଙ୍କ ମଧ୍ୟରୁ କିଛି ଲୋକ ଆଁହଜରତ ସ.ଅଙ୍କ ବାସ ଭବନ ପାଖକୁ ଯାଇ ଉଚ୍ଚ ସ୍ୱରରେ ଡାକ ମାରି କହିବାକୁ ଲାଗିଲେ ଯେ, ହେ ମୁହମ୍ମଦ ସ.ଅ ! ଟିକେ ବାହାରକୁ ଆସନ୍ତୁ । ଆପଣ ସ.ଅ ବାହାରକୁ ଯେତେବେଳେ ଆସିଲେ ସେତେବେଳେ ଏହି ଲୋକମାନେ ଆପଣ ସ.ଅଙ୍କ ସହିତ କଥାବାର୍ତ୍ତା କରିବାକୁ ଲାଗିଲେ । ଏହାପରେ ରସୁଲ୍ କରୀମ୍ ସ.ଅ ନମାଜେ ଜୋହୋର୍ ପାଠ କରାଇଲେ ଏବଂ ନମାଜ୍ ପାଠ କରି ମସ୍‌ଜିଦ୍‌ର ପ୍ରାଙ୍ଗଣରେ ବସିଗଲେ । ପ୍ରତିନିଧି ସମୂହର ଅମୀର୍ କହିଲେ, ଆମେମାନେ କବିତା ଏବଂ ଭାଷଣରେ ଆପଣ ସ.ଅଙ୍କ ସହିତ ମୁକାବିଲା କରିବାକୁ ଚାହୁଁଛୁ । ତେଣୁ ଆପଣ ସ.ଅ ଆସନ୍ତୁ ଓ ଆମମାନଙ୍କ ସହିତ ଭାଷଣ ଓ କବିତାରେ ପ୍ରତିଯୋଗୀତା କରି ନିଅନ୍ତୁ । ପ୍ରତିଯୋଗୀତା କରି ଦେଖି ନିଅନ୍ତୁ ଯେ, କେଉଁ ଜାତିର ବକ୍ତା ଏବଂ କବି ଉଚ୍ଚ କୋଟିର ଅଟନ୍ତି । ଆମେମାନେ ଗର୍ବିତ ଯେ, ଆମମାନଙ୍କର ବକ୍ତା ଉତ୍ତମ ଅଟନ୍ତି ଓ ଆମମାନଙ୍କର କବିମାନେ ମଧ ଉତ୍ତମ ଅଟନ୍ତି । ଆପଣ ସ.ଅ କହିଲେ, କବିତା ଏବଂ ଭାଷଣରେ ପ୍ରତିଯୋଗୀତା କରିବା ମୋ ଅବତୀର୍ଣ୍ଣ ହେବାର ଅଭିପ୍ରାୟ ତଥା ପ୍ରୟୋଜନୀୟ ନୁହେଁ । ମୁଁ ଏଥିପାଇଁ ଏହି ସଂସାରକୁ ଆସି ନାହିଁ ଯେ, ଗର୍ବ ଦ୍ୱାରା ନିଜର କବିତା ଏବଂ ଭାଷଣକୁ ଉପସ୍ଥାପିତ କରିବି । ମୋ ଅବୀତୀର୍ଣ୍ଣ ଅଭିପ୍ରାୟ ଏହା ଯେ, ତୁମମାନଙ୍କୁ ଅଲ୍ଲାଃତାଲାଙ୍କ ଆଡ଼କୁ ଆଣିବା । କିନ୍ତୁ ତୁମ ଜୀବନର ଅଭିପ୍ରାୟ ହେଲା ଯେ, ତୁମେମାନେ ନିଜର କଳାର ପ୍ରଦର୍ଶନ କର । ଯଦି ତୁମେମାନେ କବିତା ଏବଂ ଭାଷଣ ମାଧ୍ୟମରେ ପ୍ରତିଯୋଗୀତା କରିବାକୁ ଚାହୁଁଛ ତାହାହେଲେ ଠିକ୍ ଅଛି ପ୍ରତିଯୋଗୀତା କରିନିଅ । ସୁତରାଂ ସେ ଭାଷଣ ଦେଲା । ରସୁଲୁଲ୍ଲାଃ ସ.ଅ ହ. ସାବିତ୍ ବିନ୍ କୈସ୍ ବିନ୍ ଶମ୍ମାସ୍‌ଙ୍କୁ ଉତ୍ତର ଦେବା ନିମନ୍ତେ କହିଲେ । ସେ ତା'ର ପ୍ରତ୍ୟୁତ୍ତରରେ


**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"
(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ବଳିଷ୍ଠ ଓ ଓଜସ୍ୱୀମୂଳକ ଭାଷଣ ଦେଲେ । ଏହି ଭାଷଣ ସେହି ଶତ୍ରୁର ଭାଷଣକୁ ପରାସ୍ତ କରିଦେଲା । **(ତାରିଖୁଲ୍ ଖମିସ୍, ଗ୍ରନ୍ଥଖଣ୍ଡ-3, ପୃ-4, ବାଆସ୍ ଉୱୈନା ବିନ୍ ହିସନ୍ ଇଲା ବନି ତମିମି ଦାରୁଲ୍ କୁତୁବୁଲ୍ ଇଲମିୟାହ୍, 2009 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେତେବେଳେ ହସ୍ସାନ ବିନ୍ ସାବିତ୍ ର.ଅ ସଭାରେ ଉପସ୍ଥିତ ନଥିଲେ । ଆଁହଜରତ ସ.ଅ ତାଙ୍କୁ ଡକାଇଲେ । ତତ୍ପରେ ପ୍ରତିନିଧିମଣ୍ଡଳର କବି ଜିବ୍ରିକାନ୍ ବିନ୍ ବଦ୍ର ନିଜର କବିତା ଉପସ୍ଥାପିତ କଲା । ପୁନଶ୍ଚ ଆଁହଜରତ ସ.ଅ ହସ୍ସାନ୍ ବିନ ସାବିତ୍ ର.ଅଙ୍କୁ କହିଲେ, ହେ ହସ୍ସାନ୍ ! ଆପଣ ତା' ବିପକ୍ଷରେ ନିଜର କବିତା ଶୁଣାନ୍ତୁ (ଉପସ୍ଥାପିତ କରନ୍ତୁ) । ହ. ହସ୍ସାନ ର.ଅ ସିଧା ସଳଖ ଜିବ୍ରିକାନ୍ ବିନ୍ ବଦ୍ରର୍ ଉତ୍ତର ଦେଲେ । **(ସିରତ୍ ଇବ୍‌ନେ କସିର୍, କିତାବୁଲ୍ ୱୁଫୁଦୁଲ୍ ୱାରିଦୈନ୍ ଇଲା ରସୁଲୁଲ୍ଲାଃ ସ.ଅ, ଗ୍ରନ୍ଥଖଣ୍ଡ-4, ପୃ-81, ଦାରୁଲ୍ ମାଆରଫା-1976 ମସିହା) (ଅଲ୍ ବଦାୟା ୱନ୍ ନହାୟିୟାହ୍, ଗ୍ରନ୍ଥଖଣ୍ଡ-5, ପୃ-45-46, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, 2001 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେତେବେଳେ ହସ୍ସାନ ବିନ୍ ସାବିତ୍ ର.ଅ କବିତା କହି ସାରିଲେ ଏବଂ ପ୍ରତିନିଧି ମଣ୍ଡଳର ଲୋକମାନେ ପରସ୍ପର ମଧ୍ୟରେ ଏକାଠି ବସିଥିଲେ, ତେବେ ଅକ୍ରା ବିନ୍ ହାବିସ୍ ଯେକି ସେହି ପ୍ରତିନିଧି ସମୂହ ସହିତ ଆସିଥିଲେ ସେ ନିଜର ସାଥିମାନଙ୍କ ସାମ୍ନାରେ ସହ ସାଆଲୋଚନା କଲେ ଯେ, ସେମାନଙ୍କର ବକ୍ତା ଆମମାନଙ୍କ ବକ୍ତା ଠାରୁ ଉତ୍କୃଷ୍ଟ ଅଟନ୍ତି ଓ ସେମାନଙ୍କର କବି ଆମମାନଙ୍କ କବି ଠାରୁ ଉଚ୍ଚ କୋଟିର ଅଟନ୍ତି । ଏମାନେ ଆମମାନଙ୍କ ଠାରୁ ବହୁ ଆଗରେ ଅଛନ୍ତି । ପୁନଶ୍ଚ ଲୋକମାନେ ଯେତେବେଳେ କବିତା ଏବଂ ଭାଷଣ ଶୁଣି ସାରିଲେ ସେତେବେଳେ ସେମାନେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲେ । କେତେକ ବର୍ଣ୍ଣନାନୁଯାୟୀ ହ. ଅକ୍ରାଅ ବିନ୍ ହାବିସ୍ ର.ଅ କିଛି କାଳ ପୂର୍ବେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ସାରିଥିଲେ ଏବଂ ବର୍ତ୍ତମାନ ସେମାନେ ପ୍ରତିନିଧି ସମୂହ ସହିତ ପୁନର୍ବାର (ଆପଣ ସ.ଅଙ୍କ ସେବାରେ) ଉପସ୍ଥିତ ହୋଇଥିଲେ । ଆଁହଜରତ ସ.ଅ ବନୁ ତମିମ୍‌ର ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେବା ପରେ ସେମାନଙ୍କର ବନ୍ଦୀମାନଙ୍କୁ ଫେରସ୍ତ କରିଦେଲେ ଏବଂ ସମସ୍ତଙ୍କୁ ସସମ୍ମାନେ ପୁରସ୍କୃତ ମଧ୍ୟ କଲେ । ଏକ ବର୍ଣ୍ଣନାନୁଯାୟୀ ପ୍ରତିନିଧିସମୂହରେ ସାମିଲ୍ ହୋଇଥିବା ପ୍ରତ୍ୟେକ ବ୍ୟକ୍ତିକୁ ପାଞ୍ଚ ପାଞ୍ଚଟି ଲେଖାଏଁ 100 ଦିର୍‌ହମ୍ ପ୍ରଦାନ କଲେ । **(ତାରିଖୁତ୍ ତବ୍ରି, ଗ୍ରନ୍ଥଖଣ୍ଡ-2, ପୃ-190, ଦାରୁଲ୍ କୁତୁବୁଲ୍ ଇଲମିୟାହ୍-1987 ମସିହା) (ଉସ୍‌ଦୁଲ୍ ଗାବା, ଗ୍ରନ୍ଥଖଣ୍ଡ-1, ପୃ-264, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, 2003 ମସିହା)(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଗ୍ରନ୍ଥଖଣ୍ଡ-୨, ପୃ-387-389, ବଜ୍‌ମେ ଇକ୍‌ବାଲ୍ ଲାହୋର୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ପୂର୍ବେ ଚର୍ଚ୍ଚା ହୋଇ ସାରିଛି ଯେ, ଉକ୍ତ ପ୍ରତିନିଧି ମଣ୍ଡଳରେ ଉତାର ବିନ୍ ହାଜିବ୍ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ପରେ ଆଁହଜରତ ସ.ଅଙ୍କ ସେବାରେ ଏକ ଚଦର ଭେଟି ସ୍ୱରୂପ ଉପସ୍ଥାପିତ କଲେ । ଉକ୍ତ ଚଦର କିସ୍ରାର ସମ୍ରାଟ୍ ଦେଇଥିଲା । କୁହାଯାଏ ଯେ, ଉକ୍ତ ଚଦର ଅତ୍ୟନ୍ତ ଉଚ୍ଚ କୋଟିର ରେଶମ ଚଦର ଥିଲା ଏବଂ ଉକ୍ତ ଚଦର ଉପରେ ସ୍ୱର୍ଣ୍ଣ ତାରକସି କାମ କରାଯାଇଥିଲା । ସାହାବାମାନେ ଚଦର ଏତେ ସ୍ୱଚ୍ଛ ଏବଂ କୋମଳ ବସ୍ତ୍ର ଯେତେବେଳେ ଦେଖିଲେ ସେତଚେବେଳେ ସେମାନେ ବହୁତ ପ୍ରଭାବିତ ହେଲେ ଓ ଉକ୍ତ ଚଦରକୁ ନିଜ ହାତରେ ଛୁଇଁ ଦେଖିବାକୁ ଲାଗିଲେ । ସାହାବାମାନେଙ୍କ ଉକ୍ତ ଶୈଳୀ ଦେଖି ଆପଣ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ଉକ୍ତ ଚଦରକୁ ନେଇ ଏତେ କାହିଁକି ଆଚମ୍ବିତ ଓ ଚିନ୍ତିତ ହେଉଛ ? ସ୍ୱର୍ଗରେ ସାଆଦ୍‌ଙ୍କ ଚଦର ଏହି ଚଦର ଅପେକ୍ଷା ଅଧିକ କୋମଳ ଏବଂ ଅଧିକ ଉତ୍କୃଷ୍ଟ ଅଟେ । **(ସହି ବୁଖାରୀ, କିତାବୁଲ୍ ହିବା, ବାବ୍- କୁବୁଲିଲ୍ ହଦ୍‌ୟତା ମିନଲ୍ ମୁଶ୍ରିକିନା, ବର୍ଣ୍ଣନା ସଂଖ୍ୟା-2615) (ସହି ମୁସଲିମ୍, କିତାବୁ ଫଜାଇଲିସ୍ ସାହାବତା, ବାବ୍-ମିନ୍ ଫଜାଇଲି ସାଆଦ୍ ବିନ୍ ମୁଆଜ୍, ବର୍ଣ୍ଣନା ସଂଖ୍ୟା-6348) (ସୁନନୁତ୍ ତିର୍ମିଜି କିତାବୁଲ୍ ମନାକିବି, ବାବ୍- ମନାକିବି ସାଆଦ୍ ବିନ୍ ମୁଆଜ୍ ର.ଅ ହଦିସ୍ ସଂଖ୍ୟା-3847) (ଉସ୍‌ଦୁଲ୍ ଗାବା, ଗ୍ରନ୍ଥଖଣ୍ଡ-4, ପୃ-40, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, 2003 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ୍ ର.ଅ ମଧ୍ୟ ଏକ ସାମୂହିକ ରଙ୍ଗରେ ଉକ୍ତ ଘଟଣା ଉପରେ ପର୍ଯ୍ୟାଲୋଚନା କରିଛନ୍ତି । ଆପଣ ର.ଅ କହିଲେ, "ଦୀର୍ଘ କାଳରେ ପରେ ଯେତେବେଳେ ଆପଣ ସ.ଅଙ୍କ ପାଖକୁ କୌଣସି ସ୍ଥାନରୁ କିଛି ରେଶମ ବସ୍ତ୍ର ଭେଟି ତଥା ଉପହାର ଆକରାରେ ପ୍ରାପ୍ତ ହେଉଥିଲା ସେତେବେଳେ ସାହାବା ର.ଅ ସେହି ରେଶମ ବସ୍ତ୍ରର କୋମଳତାକୁ ଦେଖି ଆଶ୍ଚର୍ଯ୍ୟ ଭାବ ପରିପ୍ରକାଶ କରୁଥିଲେ ଏବଂ ସେହି ବସ୍ତ୍ରକୁ ଏକ ଅସାଧାରଣ ବସ୍ତୁ ବୋଲି ମନେ କରୁଥିଲେ । ଆପଣ ସ.ଅ କହିଲେ,"ହେ ସାହାବାମାନେ ! କ'ଣ ତୁମେମାନେ ଏହି ବସ୍ତ୍ରର କୋମଳତାକୁ ଦେଖି ଆଶ୍ଚର୍ଯ୍ୟଚକିତ ହେଉଛ କି ? ସ୍ୱର୍ଗରେ ସାଆଦ୍‌ଙ୍କ ଚଦର ଏମାନଙ୍କ (ଏହି) ଚଦର ଅପେକ୍ଷା ଅଧିକ କୋମଳ ଏବଂ ଅଧିକ ଉତ୍ତମ ଅଟେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, "ଆପଣଙ୍କ ଏହି ବାଣୀ ଏକ ରୂପକ ଅର୍ଥରେ ଥିଲା, ଯହିଁରେ ସାଆଦ୍ ର.ଅଙ୍କ ସେହି ଆଶ୍ୱସ୍ତମୂଳକ ସ୍ଥାନ ଆଡ଼କୁ ଇଙ୍ଗିତ କରିବା ପ୍ରୟୋଜନୀୟ ଥିଲା ଯାହା ତାଙ୍କୁ ସ୍ୱର୍ଗରେ ପ୍ରାପ୍ତ ହୋଇଥିଲା । ଅନ୍ୟଥା ଯେପରିକି ପବିତ୍ର କୁରଆନ୍ କରୀମ ଏବଂ ଆହଦିସ୍‌ରୁ ନିୟମାନୁଯାୟୀ ଏହା ଜ୍ଞାତ ହୁଏ ଯେ, ସ୍ୱର୍ଗତ ପୁରସ୍କାରର ଏହି ସଂସାରର ପୁରସ୍କାର ସହିତ କଳନା କରାଯାଇ ପାରିବ ନାହିଁ ଓ ନା ହିଁ ସ୍ୱର୍ଗତ ପୁରସ୍କାର ଆମମମାନଙ୍କ ପରିଭାଷା ଦୃଷ୍ଟିରୁ ବସ୍ତୁବାଦୀ ବୋଲି ବିବେଚିତ ହୋଇ ପାରିବ । ଏହା ହିଁ ସତ୍ୟ ଯେ, ଯେଉଁ ଶବ୍ଦ ପବିତ୍ର କୁରଆନ୍ କରୀମ୍ ଏବଂ ହଦିସ୍‌ରେ ବର୍ଣ୍ଣିତ ହୋଇଥିଲା ତହିଁରେ କେବଳ ରୂପକ ଏବଂ ସାମଞ୍ଜସ୍ୟତ୍ୱ ରୂପେ ପୁରସ୍କାର ପୂର୍ଣ୍ଣତ୍ୱ ତଥା ନିଷ୍କଳନତା ଆଡ଼କୁ ଇଙ୍ଗିତ କରିବା ଅଭିପ୍ରାୟ ଅଟେ ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ହ. ସାହିବ୍‌ଜାଦା ମିର୍ଜା ବଶୀରୁଦ୍ଦୀନ୍ ସାହେବ ଏମ.ଏ ର.ଅ, ପୃ-614-615)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଆଉ ଏକ ସରିୟା ରହିଛି ଯାହାର ନାମ ହେଲା ସରିୟାହ୍ କୁତ୍‌ବା ବିନ୍ ଆମିର୍ । ଏହି ସରିୟା (ଯେଉଁ ଯୁଦ୍ଧରେ ଆଁହଜରତ୍ ସ.ଅ ସାମିଲ୍ ହେଉ ନଥିଲେ ସେହି ଯୁଦ୍ଧକୁ ସରିୟା କୁହାଯାଏ) ସଫର୍ ୨ ହିଜ୍ରୀରେ ହୋଇଥିଲା । ଆଁହଜରତ ସ.ଅ କୁତ୍‌ବା ବିନ୍ ଆମିର୍ ର.ଅଙ୍କୁ 20 ଜଣ ବ୍ୟକ୍ତି ପ୍ରଦାନ କରି ଖସ୍‌ଅମ୍ ସଂପ୍ରଦାୟ ଆଡ଼କୁ ପ୍ରେରଣ କରିଥିଲେ । ସେହିପରି ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ତାଙ୍କୁ ତବାଲାର ଆଖପାଖରେ ପ୍ରେରଣ କଲେ । ୟମନ୍‌ର ମାର୍ଗରେ ତହାମା ଭୂମିରେ ତହାରା ସହର ଅବସ୍ଥିତ ଅଟେ । ସେହି ସହର ଏହଂ ମକ୍କା ମଧ୍ୟରେ ୪ ଦିନର ବ୍ୟବଧାନ ରହିଛି । ପ୍ରାୟ 156 ମାଇଲ୍ ଦୂରତା ରହିଛି । ସେହିପରି ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ଆଁହଜରତ୍ ସ.ଅ ସୈନ୍ୟବାହିନୀକୁ ବିଶାର ଆଖ ପାଖ ଅଞ୍ଚଳକୁ ପ୍ରେରଣ କରିଥିଲେ ଏବଂ ସେହି ସୈନ୍ୟବାହିନୀକୁ ଆପଣ ସ.ଅ ଏହି ଆଦେଶ ଦେଲେ ଯେ, ସେମାନେ ଶତ୍ରୁ ଉପରକୁ ସହସା ଆକ୍ରମଣ କରିବେ । କାରଣ ଶତ୍ରୁପକ୍ଷ ଦୃଷ୍ଟାମୀ କରୁଥିବେ । ବାଟରେ ସେମାନେ ଅର୍ଥାତ୍ ଆଁହଜରତ୍ ସ.ଅଙ୍କ ସୈନ୍ୟବାହିନୀ ଏକ ବ୍ୟକ୍ତିକୁ ଧରିଲେ । ତାକୁ ପଚରା ଉଚରା କରିବାରୁ ସେ ନିଜକୁ ମୂକ ବୋଲି ପରିପ୍ରକାଶ କରିବାକୁ ଚାହିଁଲା । କିନ୍ତୁ ଯେତେବେଳେ ମୁସଲମାନ ସୈନ୍ୟବାହିନୀମାନେ ସେହି ସଂପ୍ରଦାୟ ନିକଟବର୍ତ୍ତୀ ହେଲେ ସେତେବେଳେ ସେ ଚିତ୍କାର କରି ନିଜ ସଂପ୍ରଦାୟକୁ ସଚେତନ କରିବାକୁ ଚାହିଁଲା । ଯେହେତୁ ସେହି ବ୍ୟକ୍ତିର ସଂପ୍ରଦାୟର ଲୋକମାନେ ସଚେତନ ଏବଂ ସାବଧାନ ହୋଇ ସାରିଥିଲେ ତେଣୁ ମୁସଲମାନମାନେ ରାତ୍ର ହେବାର ଅପେକ୍ଷା କଲେ । ଯେତେବେଳେ ଟିକିଏ ଅନ୍ଧାର ହେଲା ସେତେବେଳେ ମୁସଲମାନ ସୈନ୍ୟବାହିନୀ ସହସା ସେମାନଙ୍କ ଉପରେ ଆକ୍ରମଣ କରିଦେଲା । ଘମାଘୋଡ଼ ଯୁଦ୍ଧ ହେଲା ଏବଂ ଉଭୟ ପକ୍ଷର ସୈନ୍ୟବାହିନୀ ଗମ୍ଭୀର ରୂପେ ଆହତ ହେଲେ ଏବଂ ପ୍ରତିପକ୍ଷ ସଂପ୍ରଦାୟର ଅନେକ ଲୋକମାନେ ପ୍ରାଣ ହରାଇଲେ ଏବଂ ହ. କୁତ୍‌ବା ମାଲେ ଗନିମତ୍‌ରେ ଓଟ, ଛେଳୀ ମେଣ୍ଢା ଓ ମହିଳାମାନଙ୍କୁ ମଦିନା ଆଡ଼କୁ ଘିନି ଆଣିଲେ । ଏକ ପଞ୍ଚମାଂଶ ବାହାର କରିବା ପରେ ପ୍ରତ୍ୟେକ ଭାଗରେ ଚାରି ଚାରିଟି ଲେଖାଏଁ ଓଟ କିମ୍ବା ଚାଳିଶି ଚାଳିଶି ଲେଖାଏଁ ପ୍ରତ୍ୟେକ ବ୍ୟକ୍ତିଙ୍କ ଭାଗରେ ପଡ଼ିଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ସେମାନଙ୍କର ଆକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଏହି ଆକ୍ରମଣ କରିବାକୁ ପଡ଼ିଥିଲା । **(ମୁଜିମୁଲ୍ ବଲ୍‌ଦାନ୍, ଗ୍ରନ୍ଥଖଣ୍ଡ-2, ପୃ-10-11, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍) (ଜୀବନୀ ଶବ୍ଦକୋଷ, ପୃ-226, ଜୱାର୍ ଏକାଡ଼େମୀ ପବ୍ଲିକେଶନ୍‌ସ୍, କରାଚୀ, 2003 ମସିହା) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଗ୍ରନ୍ଥଖଣ୍ଡ-6, ପୃ-214, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, 1993 ମସିହା) (ଶର୍‌ହିଲ୍ ଅଲ୍ଲାମା ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଗ୍ରନ୍ଥ ଖଣ୍ଡ-4, ପୃ-40-41, ସରୟତା ଖୁତ୍‌ବ୍ ଇଲା ଖସ୍‌ଅମ୍, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, 1996 ମସିହା) (ଅତ୍ତବକାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଗ୍ରନ୍ଥଖଣ୍ଡ-1, ପୃ-460, ସଂସ୍କରଣ ବର୍ଷ 2012 ମସିହା) (ତାରିଖୁଲ୍ ଖମିସ୍, ଗ୍ରନ୍ଥଖଣ୍ଡ-3, ପୃ-5-6, ବାଆସା କୁତୁବହୁ ବିନ୍ ଆମିର୍, ଇଲା ଖସ୍‌ଅମ୍, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, 2009 ମସିହା )**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଆଉ ଏକ ସରିୟା ରହିଛି ଯାହାର ନାମ ହେଲା ସରିୟା ଜହାକ୍ ବିନ୍ ସୁଫିୟାନ୍ କିଲାବିଙ୍କର ଏହି ସରିୟା (ଯୁଦ୍ଧ) କିଲାବ୍ ଠାର

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲ୍‌ଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ହୋଇଥିଲା । ଉକ୍ତ ଯୁଦ୍ଧ ରବିଉଲ୍ ଅୱଲ୍ 2 ହିଜ୍ରୀରେ ହୋଇଥିଲା । ଆଁହଜରତ ସ.ଅ ଜହାକ୍ ବିନ୍ ସୁଫିୟାନ୍ କିଲାବିଙ୍କୁ କର୍ତ୍ତାଅ ନାମକ ସ୍ଥାନକୁ ତାଙ୍କର ନିଜ ସଂପ୍ରଦାୟ କିଲାବ୍ ଅଭିମୁଖେ ପ୍ରେରଣ କଲେ । କୁର୍ତ୍ତାଅ ବନୁ ବକର୍ ସଂପ୍ରଦାୟର ଏକ ଶାଖାର ନାମ ଅଟେ । ଏହି ସଂପ୍ରଦାୟ ମଦିନା ମୁନୱରାହ୍ ଠାରୁ 7 ଦିନ ବ୍ୟବଧାନରେ ଅବସ୍ଥିତ ଅଟେ । ଜହାକ୍ ବିନ୍ ସୁଫିୟାନ୍ କିଲାବଙ୍କୁ ଜୁୟ୍ ଲାୱାହ୍ ନାମକ ସ୍ଥାନରେ ନିଜ ସଂପ୍ରଦାୟକୁ ଭେଟିଲେ ଏବଂ ସେମାନଙ୍କୁ ଇସ୍‌ଲାମ୍ ଧର୍ମର ସନ୍ଦେଶ ଦେଲେ । କିନ୍ତୁ ସଂପ୍ରଦାୟର ଲୋକମାନେ ଏହାକୁ ଅସ୍ୱୀକାର ତଥା ପ୍ରତ୍ୟାଖ୍ୟାନ କରିଦେଲେ। କଥା ଯୁଦ୍ଧ ପର୍ଯ୍ୟନ୍ତ ପହଞ୍ଚି ଯାଇଅଛି । ତେଣୁ ମୁସଲମାନ ସୈନ୍ୟବାହିନୀ କୁର୍ତ୍ତାଅ ସଂପ୍ରଦାୟକୁ ପରାସ୍ତ କଲେ ଏବଂ ମାଲେ ଗନିମତ୍ ମଧ୍ୟ ପ୍ରାପ୍ତ କଲେ । **(ଜୀବନୀ ଶବ୍ଦକୋଷ, ପୃ-233, ଜୱାର୍ ଏକାଡ଼େମୀ ପବ୍ଲିକେଶନ୍‌ସ୍, କରାଚୀ, 2003 ମସିହା) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଵାଦ୍, ଗ୍ରନ୍ଥଖଣ୍ଡ-6, ପୃ-215, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1993 ମସିହା)(ତାରିଖୁଲ୍ ଖମିସ୍, ଗ୍ରନ୍ଥଖଣ୍ଡ-3, ପୃ-6, ବାଆସା କୁତୁବହୁ ବିନ୍ ଆମିର୍, ଇଲା ଖସ୍‌ଅମ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 2009 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ସରିୟା (ଯୁଦ୍ଧ)ର ବିଶ୍ୱାସବର୍ଦ୍ଧକ ଘଟଣାବଳୀ ଏହା ମଧ୍ୟ ରହିଛି ଯେ, ସଲ୍‌ମା ବିନ୍ କୁର୍ତ୍ତଅ ନାମକ ଜଣେ ଅବିଶ୍ୱାସକାରୀ ବ୍ୟକ୍ତି ଥିଲା ଯିଏ ବିରୋଧୀମାନଙ୍କ ଦଳରେ ସାମିଲ୍ ଥିଲା । କିନ୍ତୁ ତା'ର ପୁତ୍ର ଅସିଦ୍ ବିନ୍ ସଲ୍‌ମା ମୁସଲମାନ ହୋଇଯାଇଥିଲା । ସେ ଅର୍ଥାତ୍ ଅସିଦ୍ ବିନ୍ ସଲ୍‌ମା ମୁସଲମାନମାନଙ୍କ ପକ୍ଷରେ ମୁସଲମାନ ସୈନ୍ୟବାହିନୀରେ ସାମିଲ୍ ହୋଇଥିଲା। ଯେତେବେଳେ ଶତ୍ରୁପକ୍ଷ ମୁସଲମାନମାନଙ୍କର ଆକ୍ରମଣକୁ ସହ୍ୟ କରି ନପାରି ପଳାୟନ କଲା ସେତେବେଳେ ସେମାନଙ୍କ ମଧ୍ୟରେ ହ. ଅସିଦ୍‌ଙ୍କ ପିତା ସଲ୍‌ମା ମଧ୍ୟ ଥିଲା । ଅସିଦ୍ ନିଜ ପିତାଙ୍କର ପିଛା କଲେ ଏବଂ ସେ ଅର୍ଥାତ୍ ଅସିଦ୍ ର.ଅଙ୍କ ପିତା ନିଜ ପ୍ରାଣ ନେଇ ଅଶ୍ୱ ସମେତ ପାଣିରେ ଡେଇଁ ପଡ଼ିଲେ । ଅସିଦ୍ ମଧ୍ୟ ନିଜ ପିତାଙ୍କ ପିଛା କଲେ ଏବଂ ପିତାଶ୍ରୀଙ୍କୁ ପୁନର୍ବାର ଇସଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କଲେ । କାରଣ ତାଙ୍କ ପିତା କୌଣସିମତେ ନର୍କାଗ୍ନିରୁ ବର୍ତ୍ତି ଯାଆନ୍ତୁ । କିନ୍ତୁ ପ୍ରତ୍ୟୁତ୍ତରରେ ପିତା ନିଜର ପୁତ୍ରଙ୍କୁ ଭର୍ତ୍ସନା କରିବା ଆରମ୍ଭ କରିଦେଲେ । ପୁତ୍ର ଯେତେବେଳେ ଦେଖିଲେ ଯେ, ପିତା ନିଜର ଅହଂକାର ତଥା ବିଦ୍ରୋହମୂଳକ ଆଚରଣ ଉପରେ ପୂର୍ବବତ୍ ଅଟଳ ଅଛନ୍ତି । ଅତଏବ୍ ଅସିଦ୍ ନିଜ ପିତାଙ୍କ ଅଶ୍ୱର ଗୋଡ଼ିକୁ କାଟି ପକାଇଲେ ଏବଂ ଅନ୍ୟ ଜଣେ ବ୍ୟକ୍ତି ଆସି ଅସିଦ୍‌ଙ୍କ ପିତାଙ୍କୁ ସଂହାର କରିଦେଲା । **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଗ୍ରନ୍ଥଖଣ୍ଡ-9, ପୃ-426-427, ବଜ୍‌ମେ ଇକ୍‌ବାଲ୍ ଲାହୋର୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହେଲେ ଅନ୍ୟ ଏକ ବର୍ଣ୍ଣନା ମଧ୍ୟ ରହିଛି । ତଦନୁଯାୟୀ ହ. ଅସିଦ୍ ର.ଅ ଯେତେବେଳେ ମଦିନା ଆସି ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲେ ସେତେବେଳେ ତାଙ୍କର ବୃଦ୍ଧ ମାତାପିତା ତାଙ୍କୁ ଏକ ପତ୍ର ଲେଖିଲେ । ସେହି ପତ୍ରରେ କେତେକ କବିତାବଳୀ ଉଲ୍ଲିଖିତ ହୋଇଥିଲା । ଯହିଁରେ ପିତା ନିଜର ବାର୍ଦ୍ଧକ୍ୟ ଜନିତ ବୟସରେ ନିଜର ପୁତ୍ରର ଅବଜ୍ଞତାର ଅଭିଯୋଗ କରିଛନ୍ତି ଏବଂ ପୁତ୍ରର ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ହେତୁ ପୁତ୍ରକୁ ଭର୍ତ୍ସନା ମଧ୍ୟ କରିଛନ୍ତି । ପିତା ଏହା ଉଲ୍ଲେଖ କରିଛନ୍ତି ଯେ, ପିତା କୁହନ୍ତି: "ହେ ପୁତ୍ର ! ଏମିତି କେଉଁ କଥା ହେଲା ଯେ, ତୁମେ (ପୁତ୍ର) ନିଜର ବୃଦ୍ଧ ପିତାକୁ ଛାଡ଼ି ଦେଇଛ ଏବଂ ଇସଲାମ୍ ଧର୍ମ ସ୍ୱୀକାର କରି ନେଇଛ ?" ଅସିଦ୍ ନିଜର ପିତାଙ୍କର ପତ୍ର ନେଇ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ସମସ୍ତ ବୃତ୍ତାନ୍ତ ଶୁଣାଇ ଆଁହଜର୍ତ ସ.ଅଙ୍କୁ କହିଲେ, ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋତେ ନିଜର ପିତାଶ୍ରୀଙ୍କୁ ଉତ୍ତର ଲେଖିବା ନିମନ୍ତେ ଅନୁମତି ପ୍ରଦାନ କରନ୍ତୁ । ସୁତରାଂ ହୁଜୁର ସ.ଅଙ୍କ ଆଦେଶ ମତେ ସେ ନିଜର ପିତାଶ୍ରୀଙ୍କୁ ଏକ ପ୍ରଚାରିକ ପତ୍ର ଲେଖିଲେ । ସେହି ପ୍ରଚାରିକ ପତ୍ରକୁ ପାଠ କରି ତାଙ୍କର ପିତାଶ୍ରୀ ମଧ୍ୟ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲେ ।"ଉକ୍ତ ବର୍ଣ୍ଣନାଟି ମଧ୍ୟ ହଦିସ୍‌ରେ ଉଲ୍ଲିଖିତ ହୋଇଛି । ତେଣୁ ଏହା ଅଧିକ ଯୁକ୍ତିଯୁକ୍ତ ବୋଲି ମନେ ହେଉଛି। **(ଉସ୍‌ଦୁଲ୍ ଗାବା, ଗ୍ରନ୍ଥଖଣ୍ଡ-1, ପୃ-253-254, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 2003 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ହ. ଅଲ୍‌କମା ବିନ୍ ମୁଯଜ୍ଜିର୍ ର.ଅଙ୍କୁ ଜଦ୍ଧା ଆଡ଼କୁ ପ୍ରେରଣ କରିବା ସଂକ୍ରାନ୍ତରେ ଯୁଦ୍ଧ ଚର୍ଚ୍ଚା ରହିଛି । ଇବ୍‌ନେ ସାଆଦ୍ ଉଲ୍ଲେଖ କରିଛନ୍ତି ଯେ, ଏହି ସରିୟାହ୍ ରବିଉସ୍ ସାନି 9 ହିଜ୍ରୀରେ ହୋଇଥିଲା । ଅପରପକ୍ଷେ ଅନ୍ୟ କେତେକ ବର୍ଣ୍ଣନାନୁଯାୟୀ ସଫର 9 ହିଜ୍ରୀରେ ଉକ୍ତ ଯୁଦ୍ଧ ହୋଇଥିଲା । ଆଁହଜରତ୍ ସ.ଅଙ୍କୁ ସୂଚନା ମିଳିଲା ଯେ, ହବ୍‌ଶାରେ କେତେକ ଯୋଦ୍ଧାମାନେ ସମୁଦ୍ର ତଟରେ ଅବତୀର୍ଣ୍ଣ ହୋଇଛନ୍ତି । ସେହିପରି ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ସେମାନେ ମକ୍କା ବିରୁଦ୍ଧରେ ଡକାୟତି କରିବାକୁ ଚାହୁଁଥିଲେ । ଏକ ପୁସ୍ତକରେ ଉଲ୍ଲିଖିତ ହୋଇଛି ଯେ, ସେହି ଲୋକମାନେ ସମୁଦ୍ର ଅତିକ୍ରମ (ପାରି ହୋଇ) କରି ମୁସଲମାନମାନଙ୍କୁ କ୍ଷତି ପହଞ୍ଚାଇବାକୁ ଉଦ୍ୟମ କରିଥିଲି । ଜଦ୍ଧାହ୍ ପାବନ ଭୂମି ମକ୍କାର ପଶ୍ଚିମସ୍ଥ ସମୁଦ୍ର ଉପକୂଳର ଅବସ୍ଥିତ ଏକ ସହର ଅଟେ । ଆଜି ମଧ୍ୟ ଉକ୍ତ ସହରଟି ମହଜୁଦ୍ ରହିଛି । ଏହା ହିଜାଜ୍‌ର ସର୍ବବୃହତ ସହର ଅଟେ । ମକ୍କା ଏବଂ ଜଦ୍ଧାହ୍ ମଧ୍ୟରେ 75 କି.ମିର ଦୂରତା ରହିଛି । ଅପର ପକ୍ଷେ ମଦିନା ଠାରୁ ଜଦ୍ଧାର ଦୂରତା ପ୍ରାୟ 250 ମାଇଲ୍ ଅଟେ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣ ର.ଅ ହ. ଅଲ୍‌କମା ର.ଅଙ୍କୁ 300 ଜଣ ବିଶିଷ୍ଟ ସୈନ୍ୟବାହିନୀର ନେତୃତ୍ୱ ପ୍ରଦାନ କରି ସେମାନଙ୍କ ଆଡ଼କୁ ପ୍ରେରଣ କଲେ । ଯେଉଁ ଲୋକମାନେ ହବ୍‌ଶାବାସୀ (ବର୍ତ୍ତମାନ ହବ୍‌ଶାକୁ ଇଥିଓପିୟା ଦେଶ କୁହାଯାଏ) ଠାରୁ ଜଦ୍ଧା ଉପକୂଳରେ ଅବତୀର୍ଣ୍ଣ ହୋଇଥିଲେ ସେମାନଙ୍କୁ ହ. ଅଲ୍‌କମା ର.ଅଙ୍କ ଆଗମନର ସୂଚନା ଯେତେବେଳେ ମିଳିଲା ସେତେବେଳେ ସେହି ଲୋକମାନେ ନିଜର ଡଙ୍ଗା ଉପରେ ଆରୋହଣ ହୋଇ ସମୁଦ୍ର ଉପକୂଳରେ ଫେରାର୍ ହୋଇଗଲେ । ହ. ଅଲ୍‌କମା ର.ଅ ଏକ ଉପଦ୍ୱୀପ ପର୍ଯ୍ୟନ୍ତ ସେମାନଙ୍କର ପିଛା କଲେ । ଉକ୍ତ ଅଭିଯାନର ଏକ ଘଟଣା ଚର୍ଚ୍ଚାଯୋଗ୍ୟ ଅଟେ । ସେହି ଘଟଣାଟି ଏହିପରି ବର୍ଣ୍ଣିତ ହୋଇଛି । ଅର୍ଥାତ୍ ହ. ଅବୁ ସଇଦ୍ ଖୁଦରୀ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଅଲ୍‌କମା ବିନ୍ ମୁଯଜ୍ଜର୍ ର.ଅଙ୍କୁ ଏକ ସୈନ୍ୟବାହିନୀର ସେନାପତି ରୂପେ ନିଯୁକ୍ତ କଲେ ଏବଂ ମୁଁ ସେହି ସୈନ୍ୟବାହିନୀରେ ଥିଲି । ଯେତେବଳେ ଆମେମାନେ ଲକ୍ଷ୍ୟ ସ୍ଥଳ ପାଖରେ ପହଞ୍ଚିଲୁ ଏବଂ ଅଭିଯାନ ସମାପ୍ତ କରି ତୁରନ୍ତ ଫେରିଯିବ ନିମନ୍ତେ ଏକ ଗୋଷ୍ଠୀରେ ନିଜର ସେନାପତିଙ୍କ ଠାରୁ ଅନୁମତି ଲୋଡ଼ିଲୁ ସେତେବେଳେ ସେନାପତି ମହୋଦୟ ତାଙ୍କୁ ଅନୁମତି ପ୍ରଦାନ କରିଦଲେ ଏବଂ ସେମାନଙ୍କ ଉପରେ ଅବ୍‌ଦୁଲ୍ଲାଃ ବିନ୍ ହୁଜାଫା ସହମି ର.ଅଙ୍କୁ ଅମୀର୍ ରୂପେ ନିଯୁକ୍ତ କଲେ । ତାଙ୍କର ସ୍ୱଭାବରେ ହାସ୍ୟ ରହିଥିଲା। ଏହି ଲୋକମାନେ ମାର୍ଗରେ ଅବତୀର୍ଣ୍ଣ ହେଲେ । ସେମାନେ ନିଆଁ ଜଳାଇଲେ । କାରଣ ସେମାନେ ନିଆଁରେ ହାତ ଗୋଡ଼ ସେକି ପାରିବେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସୁନନ୍ ଇବ୍‌ନେ ମାଜାରେ ଉଲ୍ଲିଖିତ ହୋଇଛି ଯେ, ଅବ୍‌ଦୁଲ୍ଲାଃ ସହ୍‌ମି କହିଲେ, କ'ଣ ମୋର ତୁମ ଉପରେ ଏହି ଅଧିକାର ନୁହେଁ ଯେ, ତୁମେମାନେ ମୋ କଥା ଶୁଣି ଆଜ୍ଞା ପାଳନ କରିବ ? ସେମାନେ ଅର୍ଥାତ୍ ସୈନ୍ୟବାହିନୀମାନେ କହିଲେ, ଅବଶ୍ୟ । ଅବ୍‌ଦୁଲ୍ଲାଃ ସହମି କହିଲେ, ମୁଁ ତୁମମାନଙ୍କୁ ଯେଉଁ କଥାର ଆଦେଶ ଦେବି ତାହା ଉପରେ ତୁମେମାନେ କାର୍ଯ୍ୟାନୁସରଣ କରିବ । ସେମାନେ କହିଲେ, ହିଁ ଆମେମାନେ ଆପଣଙ୍କର ଆଜ୍ଞା ପାଳନ କରିବୁ। ସେ ଅର୍ଥାତ୍ ଅବ୍‌ଦୁଲ୍ଲାଃ ସହମି କହିଲେ, ମୁଁ ତୁମମାନଙ୍କୁ ଆଦେଶ ଦେଉଛି ଯେ, ତୁମେମାନେ ଉକ୍ତ ଅଗ୍ନି ମଧ୍ୟକୁ ଡେଇଁପଡ଼ । କିଛି ଲୋକମାନେ ଛିଡ଼ା ହୋଇ ଅଗ୍ନି (ନିଆଁ) ମଧ୍ୟରୁ ଡେଇଁବାକୁ ପ୍ରସ୍ତୁତ ହୋଇଗଲେ । ଯେତେବେଳେ ଅବ୍‌ଦୁଲ୍ଲାଃ ବିନ୍ ସହ୍‌ମିକୁ ଏହି ବିଶ୍ୱାସ ହୋଇଗଲା ଯେ, ସେମାନେ ନିଆଁରେ ଡ଼େଇଁବାକୁ ପ୍ରସ୍ତୁତ ଅଛନ୍ତି ସେତେବେଳେ ସେ କହିଲା, ହେ ଲୋକମାନେ ତୁମେମାନେ ନିଜକୁ ଅଟକାଇ ନିଅ। କାରଣ ମୁଁ ତୁମମାନଙ୍କୁ ପରୀକ୍ଷା କରୁଥିଲି ଓ ତୁମମାନଙ୍କ ସହିତ ଥଟ୍ଟା କରୁଥିଲି । ଯେତେବେଳେ ସୈନ୍ୟବାହିନୀ ଫେରି ଆସିଲା ସେତେବେଳେ ଲୋକମାନେ ଉକ୍ତ କଥାର ଚର୍ଚ୍ଚା ନବୀ କରୀମ୍ ସ.ଅ.ଙ୍କ ସମ୍ମୁଖରେ କଲେ । ପ୍ରତ୍ୟୁତ୍ତରରେ ନବୀ କରୀମ୍ ସ.ଅ କହିଲେ, مَنْ أَمَرَكُمْ مِنْهُمْ بِمَعْصِيَةِ اللهِ فَلَا تُطِيعُوهُ । ଅର୍ଥାତ୍ ଯେଉଁ ଅମୀର୍ ତୁମମାନଙ୍କୁ ଅବଜ୍ଞାମୂଳକ ପ୍ରସଙ୍ଗରେ ତଥା ଅବଜ୍ଞା ପ୍ରଦର୍ଶନ କରିବା ନିମନ୍ତେ ଆଦେଶ ଦିଏ ତେବେ ତୁମେ ସେହି ଅମୀର୍ (ସେନାପତି)ର ଆଦେଶ ପାଳନ କର ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଆଁହଜରତ୍ ସ.ଅ କହିଲେ, لَا طَاعَةَ فِي مَعْصِيَةِ اللهِ إِنَّمَا الطَّاعَةُ فِي الْمَعْرُوفِ । ଅର୍ଥାତ୍ ଯେଉଁ ପ୍ରସଙ୍ଗରେ ଅଲ୍ଲାଃତାଲାଙ୍କ ଆଦେଶର ଅବମାନନା କରିବାକୁ ପଡ଼େ ତେବେ ସେହି ପ୍ରସଙ୍ଗରେ ଆଦେଶ ପାଳନ କରିବା ଅନୁଚିତ୍ । ଆଜ୍ଞାପାଳନ କେବଳ ଉଚିତ୍ ପ୍ରସଙ୍ଗରେ ହିଁ ଉଦ୍ଦିଷ୍ଟ ଅଟେ । **(ହମାରେ ହୁଜୁର୍ ସ.ଅ, ଲେଖକ-ଡାକ୍ତର ସୁହରାବ୍ ଅନ୍‌ୱର୍, ପୃ-411, ଦାରୁଲ୍ ଇଶାଅତ୍) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଗ୍ରନ୍ଥଖଣ୍ଡ-9, ପୃ-432, ବଜ୍‌ମେ ଇକ୍‌ବାଲ୍ ଲାହୋର୍) (ଜୀବନୀ ଶବ୍ଦକୋଷ, ପୃ-86, ଜୱାର୍ ଏକାଡ଼େମୀ ପବ୍ଲିକେଶନସ୍, କରାଚୀ, 2003 ମସିହା) (Google Map) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଵାଦ୍, ଗ୍ରନ୍ଥଖଣ୍ଡ-6, ପୃ-216, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍,**

## ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

**ବୈରୁତ୍, 1993 ମସିହା) (ସୁନନ୍ ଇବ୍‌ନେ ମାଜା, କିତାବୁଲ୍ ଜିହାଦ୍, ବାବ୍-ଲା ତାଆତା ଫି ମାସିୟତିଲ୍ଲାଃହି, ହଦିସ୍ ନଂ-2863)(ଅଲ୍ ଲୁଉଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଗ୍ରନ୍ଥଖଣ୍ଡ-୨ ପୃ-410, ମକ୍‌ତବା ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍, 2009 ମସିହା)(ତାରିଖୁଲ୍ ଖମିସ୍, ଗ୍ରନ୍ଥଖଣ୍ଡ-3, ପୃ-7, ବାଆସା ଅଲ୍‌କମା ବିନ୍ ମୁଯଜ୍ଜିର୍ ଇଲଲ୍ ହବ୍‌ଶା, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 2009 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ଉଲ୍ଲିଖିତ ହୋଇଛି ଯେ, ଆଁହଜରତ ସ.ଅଙ୍କ ସମ୍ମୁଖରେ ଯେତେବେଳେ ଉପରୋକ୍ତ ଘଟଣାଟି ଉପସ୍ଥାପିତ କରାଗଲା ସେତେବେଳେ ଆପଣ ସ.ଅ ଅତ୍ୟନ୍ତ କଠୋର ଆଦେଶ ଦେଇ କହିଲେ, لَوْدَخَلُوهَا مَا خَرَجُوا مِنْهَا إِلَىٰ يَوْمِ الْقِيَامَةِ، الطَّاعَةُ فِي الْمَعْرُوفِ । ଅର୍ଥାତ୍ ଯଦି ସେମାନେ ତହିଁରେ ପ୍ରବିଷ୍ଟ ହୋଇ ଯାଇଥାଆନ୍ତି ତେବେ ପ୍ରଳୟ ଦିବସ ପର୍ଯ୍ୟନ୍ତ ସେହି ନର୍କାଗ୍ନି ମଧ୍ୟରୁ ବାହାରି ପାରି ନଥାଆନ୍ତେ । କାରଣ ଆଜ୍ଞା ପାଳନ କେବଳ ଉଚିତ୍ ପ୍ରସଙ୍ଗ ବା ଉଚିତ କଥାରେ ହିଁ ହୋଇଥାଏ । **(ସହି ବୁଖାରୀ, କିତାବୁଲ୍ ମୁଗାଜି, ବାବ୍- ସରିୟା ଅବ୍‌ଦୁଲ୍ଲାଃ ବିନ୍ ହୁଜାଫାସ୍ ସହମି........., ବର୍ଣ୍ଣନା ସଂଖ୍ୟା-4340)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ଉକ୍ତ ଘଟଣାକୁ ବର୍ଣ୍ଣନା କରନ୍ତି ଯେ, ଯେଉଁ ପ୍ରସଙ୍ଗ ଧର୍ମବିଧାନ ବିରୁଦ୍ଧୀୟ ହେବ ତହିଁରେ ଆଜ୍ଞା ପାଳନ କରିବା ଉଚିତ୍ ନୁହଁ । ରସୁଲ୍ କରୀମ୍ ସ.ଅ ଏକଦା ଜଣେ ସାହାବିଙ୍କୁ ଏକ କ୍ଷୁଦ୍ର ସୈନ୍ୟବାହିନୀର ଅଧିପତି କରି ପ୍ରେରଣ କଲେ । ମାର୍ଗରେ ସେ କିଛି କଥା କହିଲେ, ପ୍ରତ୍ୟୁତ୍ତରରେ କେତେକ ସାହାବାମାନା ସେହି କଥାକୁ କାର୍ଯ୍ୟକାରୀ କଲେ ନାହିଁ । ଫଳତଃ ସେହି ସାହାବି ଜଣକ ରୁଷ୍ଟ ହୋଇ କହିବାକୁ ଲାଗିଲେ ଯେ, ମୋତେ ରସୁଲ୍ କରୀମ୍ ସ.ଅ ତୁମମାନଙ୍କର ଅମୀର୍ ରୂପେ ନିଯୁକ୍ତ କରିଛନ୍ତି ଏବଂ ଆପଣ ଏହା ମଧ୍ୟ କହିଛନ୍ତି ଯେ, ଯେଉଁ ବ୍ୟକ୍ତି ଆଁହଜରତ୍ ସ.ଅଙ୍କ ଦ୍ୱାରା ନିଯୁକ୍ତ ଅମୀର୍‌ର ଆଜ୍ଞା ପାଳନା କଲା ତେବେ ସେହି ବ୍ୟକ୍ତି ଆଁହଜରତ ସ.ଅଙ୍କର ମଧ୍ୟ ଆଜ୍ଞା ପାଳନ କଲା । ସେହିପରି ଯେଉଁ ବ୍ୟକ୍ତି ମୋର ଅବଜ୍ଞା ତଥା ଅବମାନନା କଲା ସେହି ବ୍ୟକ୍ତି ଆଁହଜରତ ସ.ଅଙ୍କର ମଧ୍ୟ ଅବଜ୍ଞା ଓ ଅବମାନନା କଲା । ସେହି ସାହାବି ଜଣକ କହିଲେ, ହେ ସାହାବମାନେ ତୁମେମାନେ ଏକଥା ଜାଣିଛ ଯେ, ମୁଁ ରସୁଲ୍ କରୀମ୍ ସ.ଅଙ୍କ ପ୍ରତିଷ୍ଠାନିକ ଅଟେ ତେବେ ତୁମେମାନେ ମୋର ଅବଜ୍ଞା କାହିଁକି କଲ ? ପ୍ରତ୍ୟୁତ୍ତରରେ ସାହାବାମାନେ କହିଲେ, ଆମେମାନେ ଆପଣଙ୍କର ଆଜ୍ଞା ପାଳ କରିବୁ। ସେହି ସାହାବି ଜଣକ କହିଲେ, ଆଚ୍ଛା ତାହାହେଲେ ମୁଁ ଦେଖିବି ଯେ, ତୁମେମାନେ ମୋର ଆଜ୍ଞା ପାଳନ କରୁଛ ଅବା ନୁହେଁ ? ସୁତରାଂ ସେହି ସାହାବି ଜଣକ ନିଆଁ ଜଳାଇବାକୁ ଆଦେଶ ଦେଲେ ଏବଂ ନିଆଁ ଜଳିବାକୁ ଲାଗିଲା ସେତେବେଳେ ସେହି ଅମୀର୍ ହୋଇଥିବା ସାହାବି ଜଣକ ଅନ୍ୟ ସାହାବାମାନଙ୍କୁ କହିଲେ, ହେ ସାହାବାମାନେ! ଅଗ୍ନି ମଧ୍ୟକୁ ଡେଇଁପଡ଼ । କେତେକ ସାହାବାମାନେ ଅଗ୍ନିରେ ଡେଇଁବାକୁ ପ୍ରସ୍ତୁତ ହୋଇଗଲେ ତ' ଆଉ କେତେକ ସାହାବାମାନେ ନିଆଁରେ ଡେଇଁବାକୁ ରାଜି ହେଲେ ନାହିଁ । ସେମାନେ ନିଆଁରେ ଡେଉଁଥିବା ଅନ୍ୟ ସାହାବାମାନଙ୍କୁ ଅଟକାଇବାକୁ ଲାଗିଲେ ଏବଂ କହିଲେ, ହେ ଲୋକମାନେ ଦେଖ ! ଆଜ୍ଞା ପାଳନ କେବଳ ଧର୍ମବୈଧାନିକ ପ୍ରସଙ୍ଗରେ ହିଁ ଉଦ୍ଦିଷ୍ଟ ଅଟେ । ଯେଉଁ ଲୋକମାନେ ଅଗ୍ନି ମଧ୍ୟକୁ ଡେଇଁ ପଡ଼ିବାକୁ ପ୍ରସ୍ତୁତ ହୋଇଥିଲେ ସେମାନଙ୍କୁ ଧର୍ମ ବିଧାନ ସଂପର୍କିତ ପ୍ରସଙ୍ଗ ଜଣା ନାହିଁ । ଏହିପରି ନିଆଁରେ ଡେଇଁ ପ୍ରାଣର ଝାସ ଦେବା ଅବୈଧ ଅଟେ । ଈଶ୍ୱରଙ୍କର ଏହି ଆଦେଶ ରହିଛି ଯେ, ଆତ୍ମହତ୍ୟା ଅତ୍ୟନ୍ତ ଘୃଣ୍ୟ ଓ ଗର୍ହିତ ପନ୍ଥା ଅଟେ । ଅତ୍ମହତ୍ୟା କରିବା ଅନୁଚିତ୍ ଅଟେ। ଯେତେବେଳେ ଏହି ପ୍ରସଙ୍ଗଟି ରସୁଲ୍ କରୀମ୍ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ ହେଲା ସେତେବେଳେ ଆପଣ ସ.ଅ ସେହି ଲୋକମାନଙ୍କର ସମର୍ଥନ କଲେ ଯେଉଁମାନେ ଏହା କହିଥିଲେ ଯେ, ନିଆଁରେ ଡେଇଁବା ଉଚିତ୍ ନୁହଁ ।"**(ଖୁତ୍‌ବାତେ ମହ୍‌ମୁଦ୍, ଭାଗ-19, ପୃ-260-261, ଖୁତବାତେ ଜୁମା, ପ୍ରଦତ୍ତ ଏପ୍ରିଲ୍ ମାସ 22 ତାରିଖ, 1938 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଆଉ ଏକ ସରିୟା (ଯୁଦ୍ଧ)ର ଚର୍ଚ୍ଚା ମଧ୍ୟ ରହିଛି ସେହି ସରୀୟା ହେଲା ହ. ଅଲୀ ର.ଅଙ୍କ ଫୁଲସ୍ ଅଭିମୁଖେ ବନୁ ତୈ ସଂପ୍ରଦାୟ ଆଡ଼କୁ । ରବିଉସ୍ ସାନି 9 ହିଜ୍ରୀରେ ଏହି ଯୁଦ୍ଧ ହୋଇଥିଲା । ଫୁଲସ୍ ନଜଦ୍ ଅଞ୍ଚଳର ଏକ ବିଶାଳ ଆକୃତିର ପିତୁଳା ଥିଲା ଏବଂ ତୈ ସଂପ୍ରଦାୟର ଜଣେ ବ୍ୟକ୍ତି ସେହି ପିତୁଳାର ଉପାସନା କରୁଥିଲା । ସେହି ପିତୁଳା ସମ୍ମୁଖରେ ମାନସିକ କରିବା ସହିତ ଅସ୍ତ୍ରର ମାନସିକ ମଧ୍ୟ ତୈ ସଂପ୍ରଦାୟ ବ୍ୟକ୍ତି କରୁଥିଲା । ରସୁଲ୍ କରୀମ୍ ସ.ଅ ହ. ଅଲୀ ର.ଅଙ୍କୁ 150 ଅନ୍‌ସର୍‌ମାନଙ୍କ ସହିତ ଯହିଁରେ 100ଟି ଓଟ ଏବଂ 50ଟି ଅଶ୍ୱ ରହିଥିଲେ । ବନୁ ତୈର ପିତୁଳାକୁ ଭୂମିସାତ୍ କରିବା ନିମନ୍ତେ ପ୍ରେରଣ କରିଥିଲେ । ଉକ୍ତ ସୈନ୍ୟବାହିନୀର ଏକ ବିଶେଷତା ଥିଲା ଯେ, ସେହି ସୈନ୍ୟବାହିନୀରେ ହ. ଅଲୀ ର.ଅଙ୍କୁ ଛାଡ଼ି ଅନ୍ୟ ସମସ୍ତ ଲୋକମାନେ ଅନ୍‌ସାର ଥିଲେ । ସେହି ସୈନ୍ୟବାହିନୀରେ କୌଣସି ପ୍ରବାସକାରୀ ବ୍ୟକ୍ତି ନଥିଲା । ବନୁ ତୈ ସଂପ୍ରଦାୟ ଏକ ବିଖ୍ୟାତ ସଂପ୍ରଦାୟ ଅଟେ । ଏହି ଲୋକମାନେ ସିରୀୟା ନିକଟବର୍ତ୍ତୀ ସ୍ଥାନରେ ବାସ କରୁଥିଲେ । ଆପଣ ସ.ଅ ଉକ୍ତ ଯୁଦ୍ଧ ନିମନ୍ତେ ହ. ଅଲୀ ର.ଅଙ୍କୁ ଏକ କଳା ରଙ୍ଗର ବଡ଼ ଧ୍ୱଜା ଓ କଳା ରଙ୍ଗର ଏବଂ ଧଳା ରଙ୍ଗର ଏକ କ୍ଷୁଦ୍ର ଧ୍ୱଜା ପ୍ରଦାନ କଲେ । ହ. ଅଲୀ ର.ଅ ସକାଳ ସମୟରେ ଆକ୍ରମଣ କଲେ ଏବଂ ବନୁ ତୈ ସଂପ୍ରଦାୟର ପିତୁଳା ଫୁଲ୍‌ସ୍‌କୁ ଭୂମିସାତ୍ କରିଦେଲେ । ଅନେକ କଏଦୀମାନେ ଧନ୍ ସମ୍ପଦ ତଥା ପାଳିତ ଜୀବମାନେ ହାତ ମୁଠାକୁ ଆସିଲେ । ଉକ୍ତ ସଂପ୍ରଦାୟଟି ବିଖ୍ୟାତ ପରୋପକାରୀ ତଥା ବଦାନ୍ୟ ବ୍ୟକ୍ତି ହାତିମ୍ ତାଇର ସଂପ୍ରଦାୟ ଥିଲା ଏବଂ ବନ୍ଦୀମାନଙ୍କ ମଧ୍ୟରେ ହାତିମ୍ ତାଇର କନ୍ୟା ସଫ୍‌ଫାନାହ୍ ମଧ୍ୟ ସାମିଲ୍ ଥିଲା । ହାତିମ୍ ତାଇର ପୁତ୍ର ଯାହାର ନାମ ଅଦି ଥିଲା ସେ ସଂପ୍ରଦାୟର ଅଧିପତି ଥିଲା, ସେ ଖସି ପଳାଇଗଲା ଏବଂ ସିରୀୟା ଅଭିମୁଖେ ବାହାରିଗଲା । ହ. ଅବୁ କତାଦା ର.ଅ.ଙ୍କୁ ବନ୍ଦୀମାନଙ୍କର ନିରୀକ୍ଷକ ରୂପେ ନିଯୁକ୍ତ କରାଗଲା ଏବଂ ଧନ ସମ୍ପଦ ଓ ପଶୁମାନଙ୍କର ନିରୀକ୍ଷିକ ହ. ଅବ୍‌ଦୁଲ୍ଲାଃ ବିନ୍ ଅତିକ୍‌ଙ୍କୁ ନିଯୁକ୍ତ କରାଗଲା । କିନ୍ତୁ ହାତିମ୍‌ର କନ୍ୟା (ଝିଅ) ସଫ୍‌ଫାନାଙ୍କୁ ସେମାନେ ବାଣ୍ଟିଲେ ନାହିଁ ଏବଂ ଗିରଫ କରି ମଦିନା ନେଇ ଆସିଲେ । **(ଅତ୍‌ତବ୍‌କାତୁଲ୍ କୁବ୍ରାଲିଇବ୍‌ନି ସାଆଦ୍, ଗ୍ରନ୍ଥଖଣ୍ଡ-1, ପୃ-124, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 1990 ମସିହା) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଗ୍ରନ୍ଥଖଣ୍ଡ-୨, ପୃ-435, ବଜ୍‌ମେ ଇକ୍‌ବାଲ୍ ଲାହୋର୍) (ଅଲ୍ ଲୁଉଲୁଉଲ୍ ମକନୁନ୍, ଜୀବନୀ ଶବ୍ଦକୋଷ, ଗ୍ରନ୍ଥଖଣ୍ଡ-୨ ପୃ-418, ମକ୍‌ତବା ଦାରୁସ୍ ସଲାମ୍) (ଜୀବନୀ ଶବ୍ଦକୋଷ, ପୃ-64, ଜୱାର୍ ଏକାଡ଼େମୀ ପବ୍ଲିକେଶନସ୍, କରାଚୀ, 2003 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହାତିମ୍ ତାଇର୍ କନ୍ୟାକୁ ସମସ୍ତ ବନ୍ଦୀମାନଙ୍କ ସହିତ ମସ୍‌ଜିଦେ ନବୱୀର ଦୁଆର ସହିତ ଏକ ଶିବିର ମଧ୍ୟରେ ରଖାଗଲା। ସଫ୍‌ଫାନାହ୍ ଅତ୍ୟନ୍ତ ସାହସୀନୀ, ଜଣେ ବଚିକ୍ଷଣା ଓ ଜଣେ ଚତୁର ମହିଳା ଥିଲା। ଆଁହଜରତ ସ.ଅ ଯେତେବେଳେ ସେହି ଶିବିର ମଧ୍ୟ ଦେଇ ଅତିକ୍ରମ କଲେ ସେତେବେଳେ ଆପଣ ସ.ଅ ସମ୍ମାନ ନିମନ୍ତେ ଛିଡ଼ା ହୋଇ ପଡ଼ିଲେ ଏବଂ କହିବାକୁ ଲାଗିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ପିତା ମୃତ୍ୟୁବରଣ କରି ସାରିଛନ୍ତି ଏବଂ ମୋର ଯିଏ ଅଭିଭାବକ ମୋ ଭାଇ ଥିଲା, ସେ ପଳାୟନ କରିଛି । ତେଣୁ ହେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋ ଉପରେ ଉପକାର କରି ଦିଅନ୍ତୁ ଏବଂ ମୋ ଉପରେ ଟିକେ ଦୟା କରନ୍ତୁ । ଆପଣ ସ.ଅ ସଫ୍‌ଫାନାହ୍‌କୁ ପଚାରିଲେ ଯେ, ହେ ସଫ୍‌ଫାନାହ୍! ତୋର ଅଭିଭାବକ କିଏ ? ସେ କହିଲା, ଆଜ୍ଞା ମୋର ଅଭିଭାବକ ଅଦି ବିନ୍ ହାତିମ୍ ତାଇ ଅଟେ । ଆଁହଜରତ ସ.ଅ କହିଲେ, ଆଚ୍ଛା ସେହି ହାତିମ୍ ତାଇ ଯିଏ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ଠାରୁ ଡରି ପଳାଇଛି ? ସଫ୍‌ଫାନାହ୍ କହିଲା, ହଁ । ଏହା କହି ଆଁହଜରତ ସ.ଅ ସେଠାରୁ ଉଠି ପ୍ରସ୍ଥାନ କଲେ । ପରବର୍ତ୍ତୀ ଦିନ ଆପଣ ସ.ଅ ଯେତେବେଳେ ସେହି ସ୍ଥାନ ଦେଇ ଅତିକ୍ରମ କଲେ ସେତେବେଳେ ସଫ୍‌ଫାନାହ୍ କାଲିର କଥା ପୁନରାବୃତ୍ତି କଲା ( ଅର୍ଥାତ୍ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ପିତା ମୃତ୍ୟୁବରଣ କରି ସାରିଛନ୍ତି ଏବଂ ମୋର ଯିଏ ଅଭିଭାବକ ମୋ ଭାଇ ଥିଲା, ସେ ପଳାୟନ କରିଛି । ତେଣୁ ହେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋ ଉପରେ ଉପକାର କରି ଦିଅନ୍ତୁ ଏବଂ ମୋ ଉପରେ ଟିକେ ଦୟା କରନ୍ତୁ ମୋତେ ଛାଡ଼ି ଦିଅନ୍ତୁ।) ଆଁହଜରତ ସ.ଅ ମଧ୍ୟ ସଫ୍‌ଫାନାହକୁ ସେହି ଉତ୍ତର ଦେଲେ (ଆଚ୍ଛା ସେହି ହାତିମ୍ ତାଇ ଯିଏ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ଠାରୁ ଡରି ପଳାଇଛି? ଏହା କହି ଆଁହଜରତ ସ.ଅ ସେଠାରୁ ଉଠି ପ୍ରସ୍ଥାନ କଲେ ।) ଓ ସଫ୍‌ଫାନାହ୍ ନିରାଶ ହୋଇଗଲା। ତୃତୀୟ ଦିନ ଯେତେବେଳେ ଆଁହଜରତ ସ.ଅ ସେହି ଶିବିର ପାଖ ଦେଇ ଅତିକ୍ରମ କଲେ ସତେବେଳେ ଆପଣ ସ.ଅଙ୍କ ସହିତ ହ. ଅଲୀ ର.ଅ ମଧ୍ୟ ଥିଲେ । ହ. ଅଲୀ ର.ଅ ଆପଣ ସ.ଅଙ୍କ ପଛେପଛେ ଚାଲୁଥିଲେ । ହ. ଅଲୀ ର.ଅ ସଫ୍‌ଫାନାହ୍‌କୁ ଇଙ୍ଗିତ କରି ଡାକିଲେ । କାରଣ ସେ ନିଜର ଅଭିପ୍ରାୟ ଉପସ୍ଥାପିତ କରୁ । ସେ ତୁରନ୍ତ ସମ୍ମାନପୂର୍ବକ ଛିଡ଼ା ହୋଇ ପଡ଼ିଲା ଏବଂ ନିଜର ସେହି ନିବେଦନକୁ ଆଁହଜରତ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ କଲା । ଆପଣ ସ.ଅ କହିଲେ, ହେ ସଫ୍‌ଫାନାହ୍! ମୁଁ ତୁମର ନିବେଦନକୁ ସ୍ୱୀକାର କରିନେଇଛି । ତୁମେ ବର୍ତ୍ତମାନ ସ୍ୱାଧୀନ ଅଟୁ । କିନ୍ତୁ ଏଠାରୁ ଯିବା ପାଇଁ ଏତେ ଆତୁର (ଛାନିଆ) ହୋଇଯିବ ନାହିଁ । ଯେତେବେଳେ କୌଣସି ବିଶ୍ୱାସଯୋଗ୍ୟ ବ୍ୟକ୍ତି ମିଳିବ ସେତେବେଳେ ସେହି ବ୍ୟକ୍ତି ସହିତ ମୁଁ ତୁମକୁ ତୁମ ଭାଇ ପାଖକୁ ସିରୀୟା ପ୍ରେରଣ କରିଦିଆଯିବ ।

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ହୁଜୁର ଅନୱର୍ ଅ.ବ କହିଲେ, ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ସେ ଅର୍ଥାତ୍ ସଫ୍‌ଫାନାହ୍ ରସୁଲୁଲ୍ଲାଃ ସ.ଅଙ୍କୁ କିହଲା, ଆପଣ ସ.ଅ ତା' ଉପରେ ଦୟା କରନ୍ତୁ । ଅର୍ଥାତ୍ ତାକୁ ମୁକ୍ତ କରି ଦିଅନ୍ତୁ । ତେଣୁ ଆପଣ ସ.ଅ ତା' ଉପରେ ଉପକାରପୂର୍ବକ ଦୟା ଦେଖାଇଲେ ଓ ତାକୁ ମୁକ୍ତ କରିଦେଲେ । ପରିଣାମ ଏହା ହେଲା ଯେ, ସେ ମୁସଲମାନ ହୋଇଗଲା । ସେହିପରି ଆଉ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଉଛି ଯେ, ସେ ମୁକ୍ତ ହେବା ପରେ ତୁରନ୍ତ ମୁସଲମାନ ହୋଇ ଯାଇଥିଲା । କିଛି ଦିନ ପରେ ବନୁ କୁଜାଆ ସଂପ୍ରଦାୟର କିଛି ଲୋକମାନେ ମଦିନାକୁ ଆସିଲେ । ସେହି ଲୋକମାନେ ସିରୀୟା ଯିବାକୁ ଚାହୁଁଥିଲେ । ସଫ୍‌ଫାନାହ୍‌କୁ ଯେତେବେଳେ ଉକ୍ତ କଥା ଜ୍ଞାତ ହେଲା ସେତେବେଳେ ସେ ଆପଣ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ସେହି ଲୋକମାନଙ୍କ ଉପରେ ଭରସା କରୁଛି । ତେଣୁ ଆପଣ ସ.ଅ ମୋତେ ସେମାନଙ୍କ ସହିତ ଯିବା ନିମନ୍ତେ ଅନୁମତି ପ୍ରଦାନ କରନ୍ତୁ । ଆପଣ ସ.ଅ ତାକୁ ଅନୁମତି ପ୍ରଦାନ କରିଦେଲେ ଏବଂ ତତ୍‌ସହିତ ତାକୁ ବସ୍ତ୍ର ଏବଂ ଏକ ସବାରୀ ଓ କିଛି ପାଥେୟ ମଧ୍ୟ ଯୋଗାଇ (ପ୍ରଦାନ କଲେ) ଦେଲେ । ସଫ୍‌ଫାନାହ୍ ସେଠାରୁ ପ୍ରସ୍ଥାନ କରି ନିଜର ଭାଇ ଅଦି ପାଖରେ ପହଞ୍ଚିଗଲା ।

ହୁଜୁର୍ ଅନୱର୍ ଅ.ବ କହିଲେ, ଯେତେବେଳେ ସେ ଅର୍ଥାତ୍ ସଫ୍‌ଫାନାହ୍ ସିରୀୟା ଠାରେ ପହଞ୍ଚିଲା ଏବଂ ସେତେବେଳେ ନିଜର ଭାଇକୁ ସାକ୍ଷାତ୍ କଲା ଓ ତାକୁ ଭର୍ତ୍ସନା ତଥା ବ୍ୟଙ୍ଗବିଦ୍ରୁପ କଲା ଯେ, ହେ ଭାଇ ଅଦି ! ତୁମେ ନିଜର ସ୍ତ୍ରୀ ଓ ନିଜର ସନ୍ତାନମାନଙ୍କୁ ଧରି ସେଠାରୁ ପଳାଇ ଆସିଲ, ଆଉ ନିଜର ଭଉଣୀର ସମ୍ମାନ, ସତୀତ୍ୱକୁ ସେହିଠାରେ ହିଁ ଛାଡ଼ି ପଳାଇ ଆସିଲ । ଏକଥା ଶୁଣି ସଫ୍‌ଫାନାହର ଭାଇ ଅଦି ସଫ୍‌ଫାନାହ୍‌କୁ କ୍ଷମା ମାଗିଲା ଏବଂ ନିଜର କୃତ୍ୟ ପାଇଁ ଲଜ୍ଜିତ ହେଲା । କିଛି ସମୟ ପରେ ଅଦି ନିଜର ଭଉଣୀକୁ ପଚାରିଲା ଯେ, ହେ ସଫ୍‌ଫାନାହ୍ ! ତୁ ମୋତେ ଏକଥା କହ ଯେ, ମୁହମ୍ମଦ ସ.ଅଙ୍କ ସଂପର୍କରେ ତୋର କ'ଣ ମତାମତ ରହିଛି ? ସଫ୍‌ଫାନାହ୍ ଯେକି ଆଁହଜରତ ସ.ଅଙ୍କ ଚରିତ୍ର ତଥା ଆଁହଜରତ୍ ସ.ଅଙ୍କ ଉତ୍ତମ ବ୍ୟବହାରକୁ ଦେଖି ମୁସଲମାନ ହୋଇଯାଇଥିଲା, ସେ କହିବାକୁ ଲାଗିଲା ଯେ, ହେ ମୋର ପ୍ରିୟ ଭାଇ ଅଦି ! ମୁଁ ଅଲ୍ଲାଃତାଲାଙ୍କ ରାଣ ଖାଇ କହୁଛି ଯେ, ମୋର ଏହି ଧାରଣା ରହିଛି ଯେ, ତୁମେ ଯେତେ ଶୀଘ୍ର ହୋଇପାରୁଛି ତାଙ୍କ (ଆଁହଜରତ ସ.ଅଙ୍କ) ପାଖକୁ ଚାଲିଯାଅ । ପ୍ରକୃତରେ ସେ ଯଦି ସତ୍ୟାବତାର ବା ସତ୍ୟବାଦୀ ବାର୍ତ୍ତାବହ ଅଟନ୍ତି ତେବେ ତାଙ୍କ ଆଡ଼କୁ ଶୀଘ୍ର ଗମନ କରୁଥିବା ବ୍ୟକ୍ତି ଅବଶ୍ୟ ସାଫଲ୍ୟମଣ୍ଡିତ ହେବ ଓ ଯଦି ସେ ସମ୍ରାଟ୍ ଅଟନ୍ତି ତେବେ ମଧ୍ୟ ତୁମର ସମ୍ମାନରେ କୌଣସି ତାରତମ୍ୟ (ଫରକ) ପରିଲକ୍ଷିତ ହେବ ନାହିଁ ।

ହୁଜୁର ଅନୱର୍ ଅ.ବ କହିଲେ, ଅଦି କହିବାକୁ ଲାଗିଲା, ଉକ୍ତ ପରାମର୍ଶ ତ' ଅତି ଉତ୍ତମ ପରାମର୍ଶ ଅଟେ । ତେବେ ସେ ଅର୍ଥାତ୍ ଅଦି ଶୀଘ୍ର ପ୍ରସ୍ତୁତ ହୋଇ ମଦିନା ପହଞ୍ଚିଗଲା । ରସୁଲୁଲ୍ଲାଃ ସ.ଅ ମସ୍‌ଜିଦ୍‌ରେ ବିରାଜମାନ ଥିଲେ । ଅଦି ନିଜର ପରିଚୟ ପ୍ରଦାନ କଲା । ଆପଣ ସ.ଅ ଅଦିକୁ ଧରି ନିଜ ଘର ଆଡ଼େ ବାହାରିଗଲେ । ବାଟରେ ଜଣେ ବୃଦ୍ଧା ମହିଳା ଆପଣ ସ.ଅଙ୍କୁ କିଛି କଥା କହିବା ପାଇଁ କିମ୍ବା ପ୍ରଶ୍ନ ପଚାରିବା ପାଇଁ ଅଟକାଇ ନେଲା । ଆପଣ ସ.ଅ ସେହି ବୃଦ୍ଧା ମହିଳା ସହିତ କଥାବାର୍ତ୍ତା କରିବା ନିମନ୍ତେ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକି ରହିଲେ । ଅଦି ଏସବୁ ଦେଖି ମନରେ ଏହା ଭାବିଲା ଯେ, ଏହି ବ୍ୟକ୍ତି ଅର୍ଥାତ୍ ଆଁହଜରତ୍ ସ.ଅ ସମ୍ରାଟ୍ ତ' ହୋଇ ପାରିବେ ନାହିଁ । ଅର୍ଥାତ୍ ଏହି ବୃଦ୍ଧା ମହିଳାର ଅଟକାଇବା ଦ୍ୱାରା ଆପଣ ସ.ଅ ଅଟକିଗଲେ । ତେଣୁ ଆପଣ ସ.ଅ ସମ୍ରାଟ୍ ହୋଇ ପାରିବେ ନାହିଁ । ଘରେ ପହଞ୍ଚିବା ପରେ ଆପଣ ସ.ଅ ଅଦିକୁ ବସାଇଲେ ଏବଂ ଯେତେବେଳେ ଆପଣ ସ.ଅ ଚମଡ଼ାର ଏକ ଥୁଲ ଥୁଲିଆ ଖଜୁରୀ କୋଳିର ପତ୍ର ଭର୍ତ୍ତି ହୋଇଥିବା ଆସନ ଉପସ୍ଥାପିତ କଲେ । ଆପଣ ସ.ଅ ଅଦିକୁ ସେହି ଆସନ ଉପରେ ବସିବା ନିମନ୍ତେ କହିଲେ, ଅଦି କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଏହି ଆସନ ଉପରେ ବସନ୍ତୁ । କିନ୍ତୁ ଆପଣ ସ.ଅ କହିଲେ, ନା ତୁମେ ଏହା ଉପରେ ବସ । ଆପଣ ସ.ଅ ସ୍ୱୟଂ ଭୂମି ଉପରେ ବସିଗଲେ । ଏହେ ଦେଖି ଅଦି ନିଜ ମନରେ ଭାବିଲା ଯେ, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ଏହି ବ୍ୟକ୍ତି ସମ୍ରାଟ୍ ହୋଇପାରିବ ନାହିଁ । ରସୁଲୁଲ୍ଲାଃ ସ.ଅ ଅଦି ସହିତ ବାର୍ତ୍ତାଳାପ ଆରମ୍ଭ କଲେ । ଆଁହଜରତ୍ ସ.ଅ ଅଦିର ଧର୍ମ ଏବଂ ବ୍ୟକ୍ତିଗତ ପ୍ରସଙ୍ଗ ସଂପର୍କରେ ମଧ୍ୟ କିଛି କଥା କହିଲେ । ସେହି କଥାବାର୍ତ୍ତା ମଧ୍ୟରୁ କେତେକ କଥା ଏପରି ଥିଲା ଯେ, ଅଦି ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିକୁ ଉକ୍ତ କଥା ଜ୍ଞାତ ନଥିଲା । ତେଣୁ ଅଦିକୁ ଏହି ବିଶ୍ୱାସ ହୋଇଗଲା ଯେ, ବାସ୍ତବରେ ଆପଣ ସ.ଅ ବାର୍ତ୍ତାବହ ଅଟନ୍ତି ଏବଂ ଅଦି କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ପ୍ରକୃତରେ ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ଅଟନ୍ତି । କାରଣ ଆପଣ ସ.ଅଙ୍କୁ କେତେକ ଅଦୃଷ୍ଟ କଥା ସହିତ ମଧ୍ୟ ଅବଗତ କରି ଦିଆଯାଇଅଛି । ହୁଜୁର ଅନୱର୍ ଅ.ବ କହିଲେ, ହ. ଅଦି ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ, ହେ ଅଦି ! ତୁମେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନିଅ, ତୁମେ ସୁରକ୍ଷିତ ରହିବ । ମୁଁ କହିଲି ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ପ୍ରାରମ୍ଭରୁ ହିଁ ଗୋଟି ଧର୍ମର ଅନୁଗାମୀ ଅଟେ । ଆପଣ ସ.ଅ କହିଲେ, ହେ ଅଦି ! ମୁଁ ତୁମର ଧର୍ମକୁ ତୁମ ଅପେକ୍ଷା ଅଧିକ ଭଲ ଭାବରେ ଜାଣିଛି । ଅଦି କହିଲେ, ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋର ଧର୍ମକୁ ମୋ ଅପେକ୍ଷା ଅଧିକ ଜାଣନ୍ତି । ଏହା କିପରି ସମ୍ଭବ ? ଆପଣ ସ.ଅ କହିଲେ, ହଁ ! ମୁଁ ତୁମର ଧର୍ମକୁ ତୁମ ଅପେକ୍ଷା ଅଧିକ ଭଲ ଭାବରେ ଜାଣିଛି । ଆପଣ ସ.ଅ ପୁନଶ୍ଚ କହିଲେ, ହେ ଅଦି ! ତୁମେ ରକୁସି ଅର୍ଥାତ୍ ଖ୍ରୀଷ୍ଟ ଓ ସାବିଙ୍କ ମଧ୍ୟରେ ଥିବା ଧର୍ମାବଲମ୍ବୀ ନୁହଁ? ମୁଁ କହିଲି, କାହିଁକି ମୁଁ ଧର୍ମାବଲମ୍ବୀ ନୁହେଁ ଅବଶ୍ୟ ? ଆପଣ ସ.ଅ କହିଲେ, ହେ ଅଦି ! କ'ଣ ତୁମେ ନିଜ ସଂପ୍ରଦାୟର ଅଧିପତ ନାହଁ କି ? ଅଦି କହିଲେ, ହଁ ମୁଁ ନିଜ ସଂପ୍ରଦାୟ ଅଧିପତି ଅଟେ । ଆଁହଜରତ ସ.ଅ କହିଲେ, ତାହାହେଲେ ହେ ଅଦି! ତୁମେ ଅଧିପତି ହେବା ଯୋଗୁଁ ମାଲେ ଗନିମତ୍ ମଧ୍ୟରୁ ଏକଚତୁର୍ଥାଂଶ ଭାଗ ନେଉ ନାହଁ ? ଅଦି କହିଲେ, ହଁ ମୁଁ ମାଲେ ଗନିମତରୁ ଏକ ଚତୁର୍ଥାଂଶ ନିଏ । ହେ ଅଦି ଏହା ତୁମ ଧର୍ମରେ ତୁମ ନିମନ୍ତେ ବୈଧ ନୁହେଁ ଯେ, ତୁମେମାନେ ଏହି ଅଧର୍ମ ବିତ୍ତକୁ ଗ୍ରହଣ କରିନେବ । ଅତଏବ୍ ହ. ଅଦି ର.ଅ କହିଲେ, ମୁଁ ନିଜକୁ ଧିକ୍କାର କଲି ଏବଂ ଅନୁତପ୍ତ ଓ ଲଜ୍ଜିତ ଅନୁଭବ କଲି । ଆପଣ ସ.ଅ ପୁନଶ୍ଚ କହିଲେ, ହେ ଅଦି ! ସମ୍ଭବତଃ ତୁମକୁ ଏହି (ଇସ୍‌ଲାମ୍) ଧର୍ମରେ ପ୍ରବିଷ୍ଟ ହେବାକୁ ତୁମର ଧର୍ମ ବାଧା ଦେଉଛି (ଅଟକାଉଛି) । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଖୁବ୍ ଶୀଘ୍ର ଏତେ ଧନ ବଣ୍ଟା ହେବ ଯେ, ସେହି ଧନକୁ ନେଲାବାଲା କେହି ମିଳିବ ନାହିଁ । ହେ ଅଦି ! ସମ୍ଭବତଃ ତୁମକୁ ଉକ୍ତ ଧର୍ମରେ ପ୍ରବିଷ୍ଟ ହେବା ନିମନ୍ତେ ଶତ୍ରୁମାନଙ୍କର ସଂଖ୍ୟା ଗରିଷ୍ଠତା ମଧ୍ୟ ଅଟକାଉଛି ? ଇସ୍‌ଲାମ୍ ଧର୍ମର ଅନେକ ଶତ୍ରୁ ରହିଛନ୍ତି । ସେଇଥି ପାଇଁ ତୁମେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାକୁ ସଂକୋଚ ଓ କୁଣ୍ଠାବୋଧ ପ୍ରକାଶ କରୁଛ ? ଏହା ହିଁ ତୁମର ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାରେ ପ୍ରତିବନ୍ଧକ ସାଜିଛି । ହେ ଅଦି ! ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ତୁମେ ଖୁବ୍ ଶୀଘ୍ର ଜଣେ ମହିଳା ସଂପର୍କରେ ଗୋଟେ କଥା ଶୁଣିବ । ସେହି କଥାଟି ଏହିପରି ଯେ, ଉକ୍ତ ମହିଳା ଜଣକ ନିଜର ଓଟ ଉପରେ ହିରାଃ ନାମକ ସ୍ଥାନରୁ ବାହାରି ଉକ୍ତ ଗୃହ ଅର୍ଥାତ୍ ଖାନା କାଆବାର ପରିକ୍ରମା କରିବ ଓ ସେହି ମହିଳା ଜଣକ ଉକ୍ତ ଧର୍ମରେ ପ୍ରବିଷ୍ଟ ହେବାକୁ ଭୟଭୀତ ହେବ ନାହିଁ । ହେ ଅଦି ! ସମ୍ଭବତଃ କ୍ଷମତା ଏବଂ ସରକାର ଅନ୍ୟ ଲୋକଙ୍କ ହାତରେ ରହିଛି ବୋଲି ତୁମକୁ ଉକ୍ତ ଧର୍ମରେ ପ୍ରବିଷ୍ଟ ହେବା ନିମନ୍ତେ ଅଟକାଉଛି । ତେଣୁ ହେ ଅଦୀ ! ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ତୁମେ ଖୁବ୍ ଶୀଘ୍ର ବାବିଲ୍ ଭୂମି ଏବଂ ଧବଳ (ଧଳା ରଙ୍ଗର) ବର୍ଣ୍ଣର ପ୍ରାସାଦ ସଂପର୍କରେ ଶୁଣିବ । ସେହି ପ୍ରାସାଦ ଏମାନଙ୍କ ସକାଶେ ଉନ୍ମୁକ୍ତ (ଖୋଲି) ଦିଆଯାଇଅଛି ଓ କୈସର୍ ତଥା କିସ୍ରାର ରାଜକୋଷ ଏମାନଙ୍କର ସକାଶେ ଉନ୍ମୁକ୍ତ କରିଦିଆଯିବ । ଆଁହଜରତ ସ.ଅ ଉପରୋକ୍ତ କଥାକୁ 3 ଥର ପୁନରାବୃତ୍ତି କଲେ ।

ହୁଜୁର ଅନୱର୍ ଅ.ବ କହିଲେ, ହ. ଅଦି ର.ଅ ବର୍ଣ୍ଣନା କରନ୍ତି: "ଆଁହଜରତ ସ.ଅଙ୍କ ଉତ୍ତମ ଚରିତ୍ରବତ୍ତା, ଉତ୍ତମ ଆଚରଣ ପ୍ରଦର୍ଶନ ଓ ଅନ୍ୟ ସମସ୍ତ କଥାକୁ ଦେଖି ମୁଁ ମୁସଲମାନ ହୋଇଗଲି ।" ହ. ଅଦି ର.ଅ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାର ଘଟଣା ସ୍ୱୟଂ ବର୍ଣ୍ଣନା କରିଛନ୍ତି । ହ. ଅଦି ର.ଅ ଏହା ମଧ୍ୟ କହୁଥିଲେ ଯେ, ମୁଁ ଯାତ୍ରୀ ମହିଳାକୁ ଦେଖିଲି ଯେ, ସେ ନିଜର ଜୀବନସାଥି ବିନା ହୈରା ନାମକ ସ୍ଥାନରୁ ବାହାରି ବୈତୁଲ୍ଲାଃର ପରରିକ୍ରମା କରିବା ନିମନ୍ତେ ଆସିଛି ଏବଂ ମୁ କିସ୍ରାର ବିଜୟୀ ସୈନ୍ୟବାହିନୀ ମଧ୍ୟରେ ସ୍ୱୟଂ ସାମିଲ୍ ଥିଲି । ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ପରେ ହ. ଅଦି ର.ଅ ଇସ୍‌ଲାମୀୟ ଆଦେଶାବଳୀର ବିଶେଷ ଆୟୋଜନ କରୁଥିଲେ । ନମାଜ୍ ନିମନ୍ତେ ସର୍ବଦା ୱଜୁମୟ ହୋଇ ରହୁଥିଲେ ଓ ନମାଜ୍ ପାଠ କରିବା ନିମନ୍ତେ ଅତ୍ୟନ୍ତ ଚିନ୍ତିତ ଏବଂ ତତ୍ପର ରହୁଥିଲେ ।"

ହୁଜୁର ଅନୱର୍ ଅ.ବ କହିଲେ, "ଯେଉଁ ଲୋକମାନେ ବରାମ୍ବାର ପ୍ରଶ୍ନ କରନ୍ତି ଯେ, ଜଣେ ଅବିବାହିତା ନାରୀର ହଜ୍ କରିବା ଜରୁରୀ ଅଟେ । ଉକ୍ତ ପ୍ରଶ୍ନର ମୁଁ ଅନେକ ଥର ଉତ୍ତର ମଧ୍ୟ ଦେଇ ସାରିଛି । ଜଣେ ଅବିବାହିତା ଓ ସତୀର ନାରୀର ହଜ୍‌କୁ ଯିବା ବିଶେଷ ପରିସ୍ଥିତିରେ ଥିଲା । କିନ୍ତୁ ଉକ୍ତ କଥା ମଧ୍ୟ ସେହି କଥାର ପୁଷ୍ଟି ଓ ସମର୍ଥନ କରିଥାଏ । ଅତଏବ୍ ହ. ଅଦି ର.ଅ କୁହନ୍ତି ଯେ, ମୁଁ ସ୍ୱୟଂ ଦେଖିଛି ଯେ, ଜଣେ ମହିଳା ହୈରା ନାମକ ସ୍ଥାନରୁ ବାହାରିଥିଲା ଏବଂ ସେହି ମହିଳା ଜଣକ ଏକୁଟିଆ ଥିଲା ଏବଂ କାଆବାର ପରିକ୍ରମା କରିବା ନିମନ୍ତେ ଆସିଥିଲା ଏବଂ ସେହି ମହିଳା ସହିତ


**ଅଲ୍ଲାଃତାଲାଙ୍କ ବାଣୀ**

ଅଲ୍ଲାଃତାଲା କୁହନ୍ତି: وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُونِ

(ଅଜ୍ ଜାରିୟାତ୍: 57)

ଅନୁବାଦ୍: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।

ତାଲିବେ ଦୁଆ: Akhtara Begum & Family,
B.D.A, Bhubaneshwar (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

ଅଲ୍ଲାଃତାଲା କୁହନ୍ତି: وَذَكِّرْ فَإِنَّ الذِّكْرَىٰ تَنْفَعُ الْمُؤْمِنِينَ

(ଅଜ୍ ଜାରିୟାତ୍: 56)

ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।

ତାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar & Jamila Sahiba, Jamat Ahmadiya Kotpalla (Odisha)

କୌଣସି ପୁରୁଷ ନଥିଲା । ତେଣୁ ଜଣେ ମହିଳା ସହିତ ପୁରୁଷ ବନ୍ଧୁ, ସ୍ୱାମୀ ରହିବାର କୌଣସି ସର୍ତ୍ତ ନଥିଲା । ହ. ଅଲୀ ର.ଅଙ୍କ ଉକ୍ତ ଅଭିଯାନର କିଛି ସମୟ ପରେ ତେି ସଂପ୍ରଦାୟର ପ୍ରତିନିଧି ସମୂହ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ଏବଂ ସେମାନେ ଇସ୍‌ଲାମ ଧର୍ମ ସ୍ୱୀକାର କରିନେଲେ ।" **(ଅସ୍‌ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିସ୍ସାମ୍, ପୃ-853-854, ଇମ୍‌ରାଅ ବିନ୍ ହାତିମ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 2001 ମସିହା)(ସହି ବୁଖାରୀ, କିତାବୁଲ୍ ମନାକିବି, ବାବୁ, ଅଲାମତିନ୍ ନୁବୁୱତି ଫିଲ୍ ଇସ୍‌ଲାମି, ହଦିସ୍ ନଂ-3595) (ତୁବୁକ୍ ଯୁଦ୍ଧ, ଲେଖକ-ବାଶମିଲ୍, ପୃ-46-47,ନଫିସ୍ ଏକାଡ଼େମୀ, କରାଚୀ) (ଇବ୍‌ନେ ଅବି ଶୈବା ପୁସ୍ତକର ଲେଖକ ଓ ଅନୁବାଦକ, ଭାଗ-11, ପୃ-239-240, ମକ୍‌ତବା ରହ୍‌ମାନିୟାହ୍) (ତାରିଖୁତ୍ ତବ୍ରୀ, ଭାଗ-2, ପୃ-187-188, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍-1987 ମସିହା) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଗ୍ରନ୍ଥଖଣ୍ଡ-9, ପୃ-435, ବଜ୍‌ମେ ଇକ୍‌ବାଲ୍ ଲାହୋର୍)**

ହୁଜୁର ଅନୱର୍ ଅ.ବ କହିଲେ, ପୁନଶ୍ଚ ଆଉ ଏକ ସରିୟା (ଯୁଦ୍ଧ) ରହିଛି ଯାହାର ନାମ ହେଲା ଉକାଶା ବିନ୍ ମିହ୍‌ସନ୍ । ଉକ୍ତ ସରିୟା ଜିନାବ୍ ଠାରେ ହୋଇଥିଲା । ଉକ୍ତ ସରିୟା 9 ହିଜ୍ରୀରେ ସଂଘଟିତ ହଇଥିଲା । ହ. ଉକାଶା ବିନ୍ ମିହ୍‌ସନ୍‌ଙ୍କର ଉକ୍ତ ସରିୟା ମଦିନା ମୁନୱାରାହ୍‌ର ଉତ୍ତର ଦିଗରେ ଉଜ୍ରାହ୍ ଏବଂ ବଲ୍ଲି ନାମକ ସଂପ୍ରଦାୟ ସହିତ ହୋଇଥିଲା । ଏହି ଦୁଇ ସଂପ୍ରଦାୟ ଜିନାବ୍ ନାମକ ସ୍ଥାନର ଆଖପାଖରେ ରହୁଥିଲେ । ଅନ୍ୟ କେତେକ ବର୍ଣ୍ଣନାମାନଙ୍କରେ ଉକ୍ତ ଅଞ୍ଚଳର ନାମ ଜିନାବ୍ ମଧ୍ୟ ବର୍ଣ୍ଣିତ ହୋଇଛି । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଗ୍ରନ୍ଥଖଣ୍ଡ-6, ପୃ-220, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1993 ମସିହା) (ଅତ୍‌ତବକାତୁଲ୍ କୁବ୍ରାଲ୍‌ଇବ୍‌ନି ସାଆଦ୍, ଗ୍ରନ୍ଥଖଣ୍ଡ-2, ପୃ-124, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 1990 ମସିହା) (ଶରହୁଲ୍ ଅଲ୍ଲାମତା ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଭାଗ-4, ପୃ-50, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, 1996) (ଜୀବନୀ ଶବ୍ଦକୋଷ, ପୃ-197, ଜୱାର୍ ଏକାଡ଼େମୀ ପବ୍ଲିକେଶନ୍‌ସ୍, କରାଚୀ, 2003 ମସିହା)**

ହୁଜୁର ଅନୱର୍ ଅ.ବ କହିଲେ, ଉକ୍ତ ସରିୟାର ଅତିରିକ୍ତ ବିବରଣୀ ବର୍ଣ୍ଣିତ ହୋଇ ନାହିଁ । କେବଳ ଏତିକି ଚର୍ଚ୍ଚା ହୋଇଛି ଯେ, ଏହି ସରିୟା (ଯୁଦ୍ଧ) ହୋଇଥିଲା । **(ଅସ୍‌ସିରତୁନ୍ ନବୱିୟାହ୍ ଅହମଦ୍ ବିନ୍ ଜିନି ଦୁହ୍‌ଲାନ୍, ଗ୍ରନ୍ଥଖଣ୍ଡ-2, ପୃ-123, ଦାରେ ଅହୟାଉତ୍ ତୁରାସୁଲ୍ ଅରବିୟା ବୈରୁତ୍)**

ହୁଜୁର ଅନୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ ତୁବୁକ୍ ଯୁଦ୍ଧ ସଂପ୍ରକରେ କେତେକ ପ୍ରାରମ୍ଭିକ ଘଟଣାବଳୀ ଉପସ୍ଥାପିତ କରି ଦେଉଛି । ରଜବ୍ 9 ହିଜ୍ରୀ ସେପ୍ଟେମ୍ବର ମାସ 630 ମସିହାରେ ଉକ୍ତ ଯୁଦ୍ଧ ହୋଇଥିଲା । ତାଏଫ୍ ଯୁଦ୍ଧ ପରେ ରଜବ୍ ମାସର 9 ହିଜ୍ରୀରେ ଆପଣ ସ.ଅ ସେହି ଯୁଦ୍ଧ ନିମନ୍ତେ ବାହାରିଲେ । ଉକ୍ତ ଯୁଦ୍ଧ ଆଁହଜରତ ସ.ଅଙ୍କ ପବିତ୍ର ଜୀବନର ଶେଷ ଯୁଦ୍ଧ ଥିଲା । ତବୁକ୍ ମଦିନା ଠାରୁ ପ୍ରାୟ 685 କିଲୋମିଟର ଦୂରରେ ଅବସ୍ଥିତ ଥିଲା । **(ସିରତ୍ ଖାତମୁନ୍ ନବୀୟିନ୍, ପୃ-842, ଲେଖକ- ମିର୍ଜା ବଶୀର୍ ଅହମଦ ସାହେବ ଏମ୍.ଏ ର.ଅ) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଗ୍ରନ୍ଥଖଣ୍ଡ-9, ପୃ-452, 456, ବଜ୍‌ମେ ଇକ୍‌ବାଲ୍ ଲାହୋର୍)**

ହୁଜୁର ଅନୱର୍ ଅ.ବ କହିଲେ, ତୁବୁକ୍ ନାମକ ସ୍ଥାନରେ ଏକ ଝରଣା ଥିଲା । ସେହି ଝରଣା ପାଖରେ ଆପଣ ସ.ଅ ଅବସ୍ଥାନ କରିବା ଯୋଗୁଁ ସେହି ଯୁଦ୍ଧକୁ ତୁବୁକ୍ ଯୁଦ୍ଧ କୁହାଯାଏ । ରସୁଲୁଲ୍ଲାଃ ସ.ଅ ତୁବୁକ୍ ନାମକ ସ୍ଥାନରେ ପହଞ୍ଚି ପ୍ରତିନିଧିସମୂହରେ ସାମିଲ୍ ହୋଇଥିବା ଲୋକମାନଙ୍କୁ କହିଲେ, إِنَّكُمْ سَتَأْتُونَ غَدًا إِنْ شَاءَ اللّٰهُ عَيْنَ تَبُوكَ ଅର୍ଥାତ୍ ହେ ଲୋକମାନେ କାଲି ତୁମେମାନେ ସମସ୍ତେ ତୁବୁକ୍ ଝରଣା ପାଖରେ ପହଞ୍ଚିଯିବ । **ଇନଶାଅଲ୍ଲାଃ** । ଉକ୍ତ ଯୁଦ୍ଧକୁ ସାଆତୁଲ୍ ଉସ୍ରା ମଧ୍ୟ କୁହାଯାଏ। **(ସହି ମୁସ୍‌ଲିମ୍, କିତାବୁଲ୍ ଫଜାଇଲି, ବାବ୍-ଫି ମୁଜିତାନ୍ ନବୀ ସ.ଅ, ବର୍ଣ୍ଣନା ସଂଖ୍ୟା-706, 5947, ଦାରୁଲ୍ ମାଆରିଫତା) (ଅତତୌବା: 117) (ସହି ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-, ଗଜୱା ତୁବୁକ୍ ୱହିୟା ଗଜୱତୁଲ୍ ଉସ୍ରତା, ଗ୍ରନ୍ଥଖଣ୍ଡ-9, ପୃ-300ର ବିଶିଷ୍ଟ ଦ୍ରବ୍ୟ) (ଶରହୁଲ୍ ଅଲ୍ଲାମତା ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଭାଗ-4, ପୃ-66, ଗଜୱତା ତୁବୁକ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 1996)**

ହୁଜୁର ଅନୱର୍ ଅ.ବ କହିଲେ, ଯଦିଓ ମୁସଲମାନମାନଙ୍କୁ ଉକ୍ତ ଯୁଦ୍ଧରେ ଅନେକ କଷ୍ଟ ଓ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଉଦାହରଣ ସ୍ୱରୂପ, ପ୍ରଚଣ୍ଡ ଗ୍ରୀଷ୍ମ, ଦୂର ସ୍ଥାନକୁ ଯାତ୍ରା କରିବା, ବାହନ ଅଭାବ, ମାର୍ଗରେ ଜଳ ସଂକଟ ରହିଥିଲା । ସୈନ୍ୟବାହିନୀ ପ୍ରସ୍ତୁତ ନିମନ୍ତେ ସାଧନ, ପାଥେୟର ମଧ୍ୟ ଅଭାବ ଥିଲା । ଏହାର ଅଧିକ ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେହି ସମସ୍ତ କଷ୍ଟ ସମସ୍ୟା ଯୋଗୁଁ ଇସଲାମୀୟ ସୈନ୍ୟବାହିନୀକୁ ଜୈଶୁଲ୍ ଉସ୍ରତା ମଧ୍ୟ କୁହାଯାଏ । ଅର୍ଥାତ୍ ଅଭାବ, ସମସ୍ୟା ପ୍ରପୀଡ଼ିତଜନିତ ସୈନ୍ୟବାହିନୀ ମଧ୍ୟ କୁହାଯାଏ । **(ସହିହୁଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-, ଗଜୱା ତୁବୁକ୍ ୱହିୟା ଗଜୱତୁଲ୍ ଉସ୍ରତା, ହଦିସ୍ ସଂଖ୍ୟା-4415) (ଅଲ୍ ଲୁଉଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଗ୍ରନ୍ଥଖଣ୍ଡ-9 ପୃ-445, ମକତବା ଦାରୁସ୍ ସଲାମ୍)**

ହୁଜୁର ଅନୱର୍ ଅ.ବ କହିଲେ, ଉକ୍ତ ଯୁଦ୍ଧକୁ ଗଜୱତୁଲ୍ ଫାଜିହା ମଧ୍ୟ କୁହନ୍ତି । ଆରବୀ ଭାଷାରେ ଫଜାହତ୍ କହିଲେ, ତିରସ୍କାର ଓ ପରଦା ଖୋଲିବାକୁ ବୁଝାଏ। ଯେହେତୁ ତୁବୁକ୍ ଯୁଦ୍ଧ ଯୋଗୁଁ ଅନେକ କପଟବିଶ୍ୱାସୀମାନଙ୍କର ଅବସ୍ଥା ଉନ୍ମୁକ୍ତ ହୋଇ ସମ୍ମୁଖକୁ ଚାଲି ଆସିଥିଲା ତେଣୁ ଉକ୍ତ ଯୁଦ୍ଧ ସେହି କପଟବିଶ୍ୱାସୀମାନଙ୍କର ଅତିରିକ୍ତ ତିରସ୍କାର ଓ ଦୋଷ ଦୁର୍ବଳତା ପଦାରେ ପଡ଼ିବାର କାରଣ ହୋଇଥିଲା। ତେଣୁ ଉକ୍ତ ଯୁଦ୍ଧକୁ ଗଜୱତୁଲ୍ ଫାଜିହା କୁହାଯାଏ । **(ଅସ୍ ସିରତୁଲ୍ ହବିୟାହ୍, ଗ୍ରନ୍ଥଖଣ୍ଡ-3, ପୃ-183, ଗଜୱତା ତୁବୁକ୍, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, 2002 ମସିହା)(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଗ୍ରନ୍ଥଖଣ୍ଡ-9, ପୃ-454, ବଜ୍‌ମେ ଇକ୍‌ବାଲ୍ ଲାହୋର୍)**

ହୁଜୁର ଅନୱର୍ ଅ.ବ କହିଲେ, ତୁବୁକ୍ ଯୁଦ୍ଧର କାରଣ ଏବଂ କେଉଁ ପୃଷ୍ଠଭୂମି ରହିଥିଲା ? ମଦିନାବାସୀଙ୍କୁ ବାହ୍ୟ ଶକ୍ତି ବିଶେଷ କରି ରୋମୀୟମାନଙ୍କ ସମର୍ଥିତ ବନୁ ଗସ୍ସାନ୍ ସଂପ୍ରଦାୟର ଆକ୍ରମଣର ସର୍ବଦା ବିପଦ ରହୁଥିଲା ଏବଂ ଏପରି ସୂଚନା ମଧ୍ୟ ଥିଲା କି ଏହି ଦୁଇ ଶକ୍ତି ଅର୍ଥାତ୍ ରୋମୀୟ ଶକ୍ତି ଓ ଗସ୍ସାନୀୟ ଶକ୍ତିମାନେ କୌଣସି ଏକ ଯୁଦ୍ଧର ପ୍ରସ୍ତୁତି କରୁଛନ୍ତି । ଗସ୍ସାନୀମାନଙ୍କର ଆକ୍ରମଣର ଆଶଙ୍କା ସଂପର୍କରେ ହ. ଉମର୍ ର.ଅ ସ୍ୱୟଂ ବର୍ଣ୍ଣନା କରନ୍ତି ଯେ, ଆମମାନେ ସବୁବେଳେ ଗସ୍ସାନୀମାନଙ୍କର ଆକ୍ରମଣର ଆଶଙ୍କା କରୁଥିଲୁ । ଅର୍ଥାତ୍ ଗସ୍ସାନୀୟମାନେ ଏବେ ଆକ୍ରମଣ କରିବେ, ସେବେ ଆକ୍ରମଣ କରିବେ । **(ଅସ୍ ସିରତୁଲ୍ ହଲବିୟାହ୍, ଗ୍ରନ୍ଥଖଣ୍ଡ-3, ପୃ-357, ଗଜ୍‌ୱତା ତୁବୁକ୍, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, 2002 ମସିହା) (ସହିହୁଲ୍ ବୁଖାରୀ, କିତାବୁତ୍ ତଫ୍‌ସିର୍, ହଦିସ୍ ସଂଖ୍ୟା-4913, ଅନୁବାଦକ, ଗ୍ରନ୍ଥଖଣ୍ଡ-12, ପୃ-266)**

ହୁଜୁର ଅନୱର୍ ଅ.ବ କହିଲେ, ତୁବୁକ୍ ଯୁଦ୍ଧର ତାତ୍‌କ୍ଷଣିକ ଫଳାଫଳ ଯାହା ହେଲା ତାହା ଏକ ବର୍ଣ୍ଣନାରେ ଏହିପରି ବର୍ଣ୍ଣିତ ହୋଇଛି ଯେ, ବ୍ୟବସାୟୀମାନଙ୍କର ଏକ ଜମାଅତ୍ ମଦିନାରେ ସରୀୟାରୁ ଜୈତୁନ୍ (ଅଲିଭ୍ ତେଲ) ଆଣିଥିଲା, ମୁସଲମାନମାନଙ୍କୁ ଏହା କହିଲେ କି ରୋମବାସୀମାନେ ସିରୀୟାରେ ଏକ ବିଶାଳ ସୈନ୍ୟବାହିନୀ ଏକତ୍ରିତ କରିଛନ୍ତି ଓ ସମ୍ରାଟ୍ ହିର୍କଲ୍ ସେହି ସୈନ୍ୟବାହିନୀ ଅବା ଏକତ୍ରିତ ହୋଇଥିବା ସୈନ୍ୟବାହିନୀମାନଙ୍କୁ ଏକ ବର୍ଷର ଖର୍ଚ୍ଚ ଯୋଗାଇ ଦେଇଛି। ତତ୍‌ସହିତ ଲଖମ୍, ଯୁଜାମ, ଆମିଲାହ୍, ଗସ୍ସାନ୍ ଓ ଅନ୍ୟ ଖ୍ରୀଷ୍ଟ ଧର୍ମୀୟ ସଂପ୍ରଦାୟମାନେ ମିଶି ଯାଇଛନ୍ତି । ସେହି ସୈନ୍ୟବାହିନୀର ପୂର୍ବଭାଗ ବଲ୍‌କା ପର୍ଯ୍ୟନ୍ତ ପହଞ୍ଚି ସାରିଛି । ବଲ୍‌କା ସିରୀୟା ଦେଶରେ ଅବସ୍ଥିତ ଏକ ଅଞ୍ଚଳ ଅଟେ ଯାହା ଦମିଶକ୍ ଓ ୱାଦିଉଲ୍ କୁରାର ମଧ୍ୟବର୍ତ୍ତୀ ସ୍ଥାନରେ ଅବସ୍ଥିତ ଅଟେ । **(ମୁଜିମୁଲ୍ ବଲ୍‌ଦାନ୍, ଭାଗ-1, ପୃ-579-580, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍) (ସିରତୁନ୍ ନବୀ ସ.ଅ, ଲେଖକ-ଡାକ୍ତର ମୁହମ୍ମଦ୍ ସଲାବି, ଗ୍ରନ୍ଥଖଣ୍ଡ-3, ପୃ-528, ମକ୍‌ତବା ଦାରୁସ୍ ସଲାମ୍) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଗ୍ରନ୍ଥଖଣ୍ଡ-5, ପୃ-433, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1993 ମସିହା)**

ହୁଜୁର ଅନୱର୍ ଅ.ବ କହିଲେ, ତୁବୁକ୍ ଯୁଦ୍ଧର ଦ୍ୱତୀୟ କାରଣ ଏହା ମଧ୍ୟ ହେଲା ଯେ, ଉକ୍ତ ଯୁଦ୍ଧର ଚର୍ଚ୍ଚା ଏକ ବର୍ଣ୍ଣନାରୁ ମିଳିଥାଏ । ଅର୍ଥାତ୍ ଖ୍ରୀଷ୍ଟିଆନ୍‌ମାନେ ସମ୍ରାଟ୍ ହିର୍କଲ୍ ଅଭିମୁଖେ ଏକ ପତ୍ର ଲେଖିଲେ ଯେ, ହେ ହିର୍କଲ୍ ! ଯେଉଁ ବ୍ୟକ୍ତି ଅବତାରତ୍ୱର ଦାବି କରିଛନ୍ତି ଅର୍ଥାତ୍ ମୁହମ୍ମଦ୍ ସ.ଅ, ସେ ନାଉଜୁବିଲ୍ଲାଃ ମୃତ୍ୟୁବରଣ କରିଛି ଏବଂ ତା'ର ସାଥିମାନଙ୍କୁ ଦୁର୍ଭିକ୍ଷ ଗ୍ରାସ କରିଛି ଓ ସେମାନଙ୍କର ଧନ ତଥା ପାଳିତ ଜୀବମାନେ ମଧ୍ୟ ମରି ଯାଇଛନ୍ତି । ବର୍ତ୍ତମାନ ଏମାନଙ୍କ ଉପରେ ଆକ୍ରମଣ କରିବା ଓ ଖ୍ରୀଷ୍ଟିଆନ୍‌ମାନଙ୍କୁ ବିଜୟ ପ୍ରାପ୍ତ କରିବାର ଅତ୍ୟନ୍ତ ଉଚିତ୍ ସୁଯୋଗ ରହିଛି । ସୁତରାଂ ସେ ଅର୍ଥାତ୍ ହିର୍କଲ ନିଜର ସେନାପତିଙ୍କୁ 40 ହଜାର ସୈନ୍ୟବାହିନୀ ସମେତ ପ୍ରେରଣ କଲା । ସେହି ସେନାପତିର ନାମ କବାଜ୍ ଅବା ଜନାଦ୍ ଥିଲା । ଆଁହଜରତ ସ.ଅଙ୍କୁ ଯେତେବେଳେ ସେହି ସୈନ୍ୟବାହିନୀ ସଂପର୍କରେ ସୂଚନା ମିଳିଲା ସେତେବେଳେ ଆପଣ ସ.ଅ ମଧ୍ୟ ସୈନ୍ୟବାହିନୀ ପ୍ରସ୍ତୁତ କରିବା ନିମନ୍ତେ ସାହାବାମାନଙ୍କୁ ଆଦେଶ ଦେଲେ । **(ଶରହୁଲ୍ ଅଲ୍ଲାମତା ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଭାଗ-4, ପୃ-68, ଗଜ୍‌ୱତା ତୁବୁକ୍, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, 1996) (ଅସ୍ ସିରତୁଲ୍ ହବିୟାହ୍, ଗ୍ରନ୍ଥଖଣ୍ଡ-3, ପୃ-183, ଗଜୱତା ତୁବୁକ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 2002 ମସିହା) (ଅଲ୍ ଲୁଉଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଗ୍ରନ୍ଥଖଣ୍ଡ-9 ପୃ-447-448, ମକ୍‌ତବା ଦାରୁସ୍ ସଲାମ୍)**

ହୁଜୁର ଅନୱର୍ ଅ.ବ କହିଲେ, ମୂଳ କାରଣ ଏହା ହିଁ ଜଣାପଡ଼େ ଯେ, ମକ୍କା ବିଜୟ ହେବା ପରେ ଏବଂ ହୁନୈନ୍ ଯୁଦ୍ଧରେ ବନୁ ହୱାଜିନ୍ ସଂପ୍ରଦାୟ ପରି ଶକ୍ତିଶାଳୀ ସଂପ୍ରଦାୟକୁ ମଧ୍ୟ ଦୃଷ୍ଟାନ୍ତମୂଳକ ପରାଜୟ ପ୍ରଦାନ କରିବା ପରେ ଆଖପାଖର ସମସ୍ତ ସଂପ୍ରଦାୟମାନଙ୍କ ଉପରେ ମୁସଲମାନମାନଙ୍କୁ ବିଜୟ ପ୍ରାପ୍ତ ହେବା ପରେ ଇହୁଦୀମାନେ ତଥା ଖ୍ରୀଷ୍ଟିଆନ୍‌ମାନେ ଏବଂ କପଟବିଶ୍ୱାସୀମାନେ ପୁଣିଥରେ ଏକତ୍ରିତ ହେଲେ । ସେମାନେ ନିଜର ପ୍ରୟାସକୁ ଅସଫଳ ହେଉଥିବାର ଦେଖି ସେତେବେଳର ମହାଶକ୍ତି ଅର୍ଥାତ୍ କୈସରେ ରୋମ୍ ଠାରୁ ସାହାଯ୍ୟ ମାଗିବା ନିମନ୍ତେ ନିଷ୍ପତ୍ତି ନେଲେ ଓ ଏଥିପାଇଁ ସେମାନେ ବିରାଟ ବଡ଼ ଓ ଅତି ଭୟଙ୍କର ଯୋଜନା ମଧ୍ୟ ପ୍ରସ୍ତୁତ କଲେ।

ହୁଜୁର ଅନୱର୍ ଅ.ବ କହିଲେ, ଗୋଟିଏ ପକ୍ଷରେ ସେମାନେ କୈସରେ ରୋମ୍ ଠାରୁ ସାହାଯ୍ୟ ଲୋଡ଼ିଲେ ଏବଂ ଅନ୍ୟ ପଟରେ କୈସରେ ରୋମକୁ ପ୍ରସ୍ତୁତ କରାଇଲେ ଯେ, ସେ ନିଜର ସୈନ୍ୟବାହିନୀ ପ୍ରେରଣ କରୁ । କାରଣ ମୁସଲମାନମାନଙ୍କର ମୂଳୋତ୍ପାଟନ କରାଯାଇପାରିବ । ଅନ୍ୟ ପଟରେ କପଟବିଶ୍ୱାସୀମାନେ ଏହା କଲେ ଯେ, ମଦିନାରେ ପୂର୍ବରୁ ହିଁ ଏହି ଗୁଜବ ପ୍ରଚାରିତ ହେବା ଆରମ୍ଭ ହୋଇଗଲା ଯେ, କୈସରେ ରୋମ୍ ନିଜର ସୈନ୍ୟବାହିନୀ ପ୍ରେରଣ କରୁଛି । ଏହି ସୈନ୍ୟବାହିନୀ ମଦିନାରେ ମୁହମ୍ମଦ **(ଅବଶିଷ୍ଟାଂଶ.....ପୃ-10ରେ)**

## ପୃ-2ରେ ବର୍ଣ୍ଣିତ ଖୁତବା ଜୁମା 09-02-2024ର ଅବଶିଷ୍ଟାଂଶ....

କାମ କଲାବେଳେ, ଚଲାବୁଲା ସମୟରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଏବଂ ଅନ୍ୟ ଖଲିଫାମାନଙ୍କ ଦୁଆ ସମ୍ବଳିତ କବିତାବଳୀ ଗୁଣୁଗୁଣୁ ହେଉଥିଲେ । ସେହିପରି ତାଙ୍କର ଆଖପାଖରେ ରହୁଥିବା ସେହି ଛୋଟ ପିଲାମାନେ ମଧ୍ୟ କବିତା ସବୁ ମନେ ରଖି ନେଉଥିଲେ । ଚାନ୍ଦା ଏବଂ ଜମାଅତୀୟ ସେବାରେ ଆପଣ ନିୟମାନୁବର୍ତ୍ତୀ ଥିଲେ । ଯେପର୍ଯ୍ୟନ୍ତ ଆପଣଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ଥିଲା ଏବଂ ଯେପର୍ଯ୍ୟନ୍ତ ଆପଣ ସୁସ୍ଥ ଥିଲେ ସେପର୍ଯ୍ୟନ୍ତ ଆପଣ ଜମାଅତର କାର୍ଯ୍ୟକ୍ରମମାନଙ୍କର ନିୟମିତ ଭାବରେ ଅଂଶ ଗ୍ରହଣ କରୁଥିଲେ । ଆପଣ ଅତ୍ୟନ୍ତ କୃତଜ୍ଞତା ଜ୍ଞାପନକାରୀଣୀ, ମିତବ୍ୟୟୀନୀ, ଧୈର୍ଯ୍ୟଶୀଳା ମହିଳାଟିଏ ଥିଲେ । ଆପଣ ଅହମଦି ହୋଇଥିବାରୁ ନିଜକୁ ଗର୍ବିତ ବୋଲି ମନେକରୁଥିଲେ ।

ହୁଜୁର ଅନୱର୍ ଅ.ବ କହିଲେ, ସ୍ୱର୍ଗତାଙ୍କର ସୁପୁତ୍ରୀ ନଗମା ନୁସ୍ରତ ସାହେବା କୁହନ୍ତି ଯେ, ମାତାଶ୍ରୀଙ୍କ ମଧ୍ୟରେ କୃତଜ୍ଞତା ଜ୍ଞାପନ କରିବାର ଗୁଣାବଳୀ ଅତ୍ୟଧିକ ଥିଲା । ଯଦି କୌଣସି ଲୋକ ପ୍ରଶଂସା ଆକାରରେ ଚର୍ଚ୍ଚା କରି ମାତାଶ୍ରୀଙ୍କୁ କହୁଥିଲା ଯେ, ମହୋଦୟା ! ଆପଣଙ୍କର ତ' ଗୋଟିଏ ପୁତ୍ର ଥିଲା ଯାହାକୁ ଆପଣ ୱକଫ୍ କରିଦେଲେ । କିନ୍ତୁ ମାତାଶ୍ରୀ ସେହି ଲୋକଙ୍କୁ ସବିନୟ ଓ କୃତଜ୍ଞତାର ସହକାର ଉତ୍ତର ଦେଉଥିଲେ ଯେ, ଦେଖନ୍ତୁ ! ମୁଁ କେମିତି ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିବି ? ଅଲ୍ଲାତାଲାଙ୍କୁ ମୁଁ ନିଜର ଏକମାତ୍ର ସନ୍ତାନ ଦେଇଥିଲି । କିନ୍ତୁ ତାହାଙ୍କର ଦୟା କରୁଣା ମୋତେ ପୁନଃ ପ୍ରତିଫଳ ଆକାରରେ ପ୍ରାପ୍ତ ହେଲା । ଅର୍ଥାତ୍ ଅଲ୍ଲାଃତାଲା ମୋ ପୁତ୍ର ମାଧ୍ୟମରେ ମୋତେ ନାତି ପ୍ରଦାନ କଲେ । ମାତାଶ୍ରୀ ଏହା କହୁଥିଲେ ଯେ, ସମସ୍ତ ଅହମଦିମାନେ ୱାକଫେ ଜିନ୍ଦିଗୀ (ଉତ୍ସର୍ଗୀକୃତ ଜୀବନ) ଅଟନ୍ତି ।

ହୁଜୁର ଅନୱର୍ ଅ.ବ କହିଲେ, ସ୍ୱର୍ଗତା ମହୋଦୟା ରବୱାରେ ଜନ୍ମଗ୍ରହଣ କରିଥିଲେ ଏବଂ ରବୱାର ଉନ୍ନତି ହେବା ଯୋଗୁଁ ସେ ବେଶ ଆନନ୍ଦିତ ହେଉଥିଲେ। ମାତାଶ୍ରୀ ଶିଷ୍ଟଚାରୀଣୀ ମହିଳା ରୂପେ ଜଣାଶୁଣା ଥିଲେ । ମିତବ୍ୟୟତାର ସହିତ ଶିଷ୍ଟ ଏବଂ ଶୃଙ୍ଖଳିତ ଜୀବନ ଯାପନ କରିଥିଲେ । ମାତାଶ୍ରୀ ଏପରି କୃତଜ୍ଞତା ଜ୍ଞାପନ କରୁଥିଲେ ଯେପିରିକି ମାତାଶ୍ରୀଙ୍କୁ ସର୍ବାଧିକ ସୁବିଧା ଏବଂ ଶାନ୍ତି ତାଙ୍କୁ ପ୍ରାପ୍ତ ହୋଇଥିଲା । ମାତାଶ୍ରୀ କେବେ ବି କୌଣସି ଅଭିଯୋଗ କରି ନାହାନ୍ତି ଯେ, ମୁବଲ୍ଲିଗ୍ ସାହେବଙ୍କ (ଅର୍ଥାତ୍ ସ୍ୱର୍ଗତାଙ୍କ ସୁପୁତ୍ରଙ୍କ) ଦରମା କମ ରହିଛି । ମାତାଶ୍ରୀ କୁହନ୍ତି ଯେ, ମୋତେ ଈଶ୍ୱରଙ୍କ ତରଫରୁ ଯେତେସବୁ ପ୍ରତିଫଳ ପ୍ରାପ୍ତ ହେଉଛି ତାହା ମୋତେ ପ୍ରାପ୍ତ ହୁଅନ୍ତା ନାହିଁ । ଅର୍ଥାତ୍ ମୋ ପୁତ୍ରର ଦରମା ଅବଶ୍ୟ କମ୍ ଅଟେ । କିନ୍ତୁ ମୋତେ ଅନ୍ୟ ଈଶ୍ୱରଙ୍କ ତରଫରୁ ଅନ୍ୟ ଆକାରରେ ଅର୍ଥ ପ୍ରାପ୍ତ ହେଉଛି । ପୁତ୍ରଙ୍କୁ କର୍କଟ ରୋଗ ଯୋଗୁଁ 2017 ମସିହାରେ ପ୍ରବାସ କରିବାକୁ ପଡ଼ିଥିଲା ।

ହୁଜୁର ଅନୱର୍ ଅୟଦ କହିଲେ, ଯେପରିକି ମୁଁ କହିଲି କି ଯେପରିକି ମୁଁ କହିଲି କି ଆହୁରି ଅନେକ କାରଣ ରହିଥିଲା । ପୁନଶ୍ଚ ପାକିସ୍ତାନ ଯିବା ସମ୍ଭବପର ହୋଇପାରିଲା ନାହିଁ ଏବଂ ମାତାଶ୍ରୀ ନିଜର ଦୁର୍ବଳ ସ୍ୱାସ୍ଥ୍ୟାବସ୍ଥା ଯୋଗୁଁ ପୁତ୍ରଙ୍କୁ ଭେଟିବାକୁ ଯାଇ ପାରିଲେ ନାହିଁ । କିନ୍ତୁ ମହୋଦୟା ସର୍ବଦା ଧୈର୍ଯ୍ୟଶୀଳା ଏବଂ ପରିଶ୍ରମ ସହକାରେ ୱକଫ୍‌ର ଦାୟିତ୍ୱକୁ ନିର୍ବାହ କରିବାକୁ ନିଜର ସୁପୁତ୍ରଙ୍କୁ ଅନୁପ୍ରାଣିତ କରୁଥିଲେ ।

ହୁଜୁର ଅନ୍‌ୱର୍ ଅୟଦ କହିଲେ, ସ୍ୱର୍ଗତାଙ୍କ ବଧୂ (ବୋହୂ) ମହୋଦୟା କୁହନ୍ତି ଯେ, ମୋ ଶାଶୁ ଅତ୍ୟନ୍ତ କାକୁତି ମିନତୀର ସହିତ ନମାଜ୍ ତହଜ୍ଜୁଦ୍ ପାଠ କରୁଥିଲେ । ମାତାଶ୍ରୀଙ୍କୁ ସତ୍ୟ ସ୍ୱପ୍ନ ମଧ୍ୟ ଆସୁଥିଲା ସେହି ସ୍ୱପ୍ନ ଅତ୍ୟନ୍ତ ସ୍ୱଷ୍ଟତାର ସହିତ ସଂପୂର୍ଣ୍ଣ ହୋଇଥିଲା । ଆମେମାନେ ଆଶ୍ଚର୍ଯ୍ୟଚକିତ ହୋଇ ଯାଉଥିଲୁ । ପୁନଶ୍ଚ ସ୍ୱର୍ଗତାଙ୍କର ସୁପୁତ୍ର ମଧ୍ୟ ଏହା ହିଁ ଉଲ୍ଲେଖ କରନ୍ତି ଯେ,Cases ଯୋଗୁଁ ପ୍ରବାସ କରିବାକୁ ପଡ଼ିଥିଲା ଏବଂ ଅସୁସ୍ଥତା ହେତୁ ସେ ଯାଇପାରି ନଥିଲେ । କିନ୍ତୁ ସେ କେବେ ବି ନିରାଶ ହୋଇ ନାହାନ୍ତି କି ନିରାଶା ଜନିତ ଭାବାବେଗ ମଧ୍ୟ ପରିପ୍ରକାଶ କରି ନାହାନ୍ତି। ମାତାଶ୍ରୀ ସର୍ବଦା ଅବିଚଳତାର ସହିତ ନିଜର ଉତ୍ସର୍ଗତାକୁ ନିର୍ବାହ କରିବା ନିମନ୍ତେ ଅନୁପ୍ରାଣିତ କରୁଥିଲେ । ମାତାଶ୍ରୀ କହୁଥିଲେ ଯେ, ଆଜିକାଲି ତ' ଅନେକ ସହଜତା ରହିଛି, ସର୍ବଦା ଯୋଗାଯୋଗରେ ରହୁଥିଲେ ଏବଂ କେବେ ବି ନିଜର ମମତ୍ୱତାକୁ ୱକଫର କାର୍ଯ୍ୟରେ ବାଧା ସାଜିବାକୁ ଦେଇ ନାହାନ୍ତି । କେହି ଜଣେ ତାଙ୍କୁ କହିଲା କି ମହୋଦୟା ! ବର୍ତ୍ତମାନ ବହୁତ ଦୀର୍ଘ କାଳ ହୋଇଯାଇଛି, ଆପଣ ଲଣ୍ଡନ ଯାଇ ଯଦି ଉପସ୍ଥିତ ଖଲିଫାଙ୍କୁ ଭେଟିବା ନିମନ୍ତେ ପତ୍ର ଲେଖନ୍ତି ତେବେ ଆପଣଙ୍କର ବ୍ୟବସ୍ଥା ହୋଇଯିବ । ଶାଶୁ ମହୋଦୟା କହିଲେ, ମୁଁ ନିଜର ସନ୍ତାନକୁ ୱକଫ୍ କରିଅଛି ଏବଂ ମୋ ଏହି ପ୍ରକାରର ଦାବି ଉପସ୍ଥାପନ କରି ପାରିବି ନାହିଁ ।

ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ, ବୈକୁଣ୍ଠରେ ସ୍ୱର୍ଗତାଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍** । ଅଲ୍ଲାଃତାଲା ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । **ଆମିନ୍** । **(ଅଲ୍ ଫଜଲ୍ ଇଣ୍ଟରନ୍ୟାସ୍‌ନଲ୍, 2024 ମସିହା, ଅକ୍ଟୋବର ମାସ 17 ତାରିଖ, ପୃ- 2-6)** ☆--☆--☆

## ବେପରଦା ପ୍ରତି ବୃଦ୍ଧି ପାଉଥିବା କୁମାନସିକତା

ହ. ଖଲିଫତୁଲ୍ ମସିହ୍ ସାନି ର.ଅ କୁହନ୍ତି: "ଯେତେବେଳେ ବର କନ୍ୟା ଘରକୁ ଆସେ ଏବଂ ସେ ଅଣ ସଂପର୍କୀୟ ହିଁ ହୁଅନ୍ତୁ ନା କାହିଁକି, ସାହିର ସମସ୍ତ ମହିଳାମାନେ ବରକୁ ଦେଖି ପରଦା କରିବାକୁ ଜରୁରୀ ବୋଲି ମନେକରନ୍ତି ନାହିଁ । ସେମାନେ କୁହନ୍ତି, ହେଁ ବର ଠାରୁ କ'ଣ ବା ପରଦା କରିବୁ ଆମେ । ପୁନଶ୍ଚ କେବଳ ସେତିକି ନୁହେଁ ଅର୍ଥାତ୍ ସେମାନେ ବରକୁ ଦେଖି ପରଦା କରନ୍ତି ନାହିଁ ବରଂ ସେମାନେ ବର ସହିତ ଥଟ୍ଟା ମଜା ମଧ୍ୟ କରିଥାଆନ୍ତି । ଅତଏବ୍ ଏପରି ଅନେକ ପ୍ରକାରର କଥା ରହିଛି ଯେ, ବିବାହ ପର୍ବରେ ଧର୍ମବିଧାନର ବିରୁଦ୍ଧାଚାରଣ କରାଯାଇଥାଏ । ଲୋକମାନେ ଧର୍ମବିଧାନର ବିରୁଦ୍ଧାଚରଣ କରିଥାଆନ୍ତି । କିନ୍ତୁ ଏହା ଏପରି ଏକ ପ୍ରସଙ୍ଗ ଯେ, ଏଥି ସଂକ୍ରାନ୍ତରେ ଖୁବ୍ ସତର୍କତାର ସହିତ ଧର୍ମବିଧାନର ନିୟମାନୁବର୍ତ୍ତୀ ହେବା ଉଚିତ୍ ଓ ଆବଶ୍ୟକତା ଥିଲା ।"

**(ଖୁତବାତେ ମହମୁଦ୍, ଗ୍ରନ୍ଥଖଣ୍ଡ-3, ପୃ-71)**

ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ବର୍ଣ୍ଣନା କରନ୍ତି: "ଯେଉଁ ଦୋଷ ଦୁର୍ବଳତା ତଥା କୁପ୍ରଥା ସ୍ଥାନିତ ହୋଇଯାଇଛି ତନ୍ମଧ୍ୟରୁ ଗୋଟିଏ ପ୍ରଥା ହେଲା ବେପରଦା ପ୍ରତି ବୃଦ୍ଧି ପାଉଥିବା କୁମାନସିକତା ମଧ୍ୟ ଏକ ପ୍ରସଙ୍ଗ ଅଟେ । ନିଃସନ୍ଦେହ ରୂପେ ଏହା ଧର୍ମବିଧାନକୁ ସୀମାଲଂଘ ନିକଟବର୍ତ୍ତୀ ହୋଇଯାଇଛି । ବର ପକ୍ଷ ଏଥି ସଂକ୍ରାନ୍ତରେ ନିଃସ୍ୱଷ୍ଟତାକୁ ମଧ୍ୟ ପରିପ୍ରକାଶିତ କରିଥାଏ । କାରଣ ସମ୍ମାନସ୍ପଦ ଅତିଥିମାନଙ୍କ ମଧ୍ୟରେ ଅନେକ ପ୍ରକାରର ଲଜ୍ଜାଶୀଳ ପରଦା ପରିଧାନ କରିଥିବା ମହିଳାମାନେ ମଧ୍ୟ ଥାଆନ୍ତି । ବେଧଡ଼କ ଫୋଟୋ ଉତ୍ତୋଳନକାରୀ କିମ୍ବା ଦାୟିତ୍ୱହୀନତା ଏବଂ ସତୀ ତଥା ଅବିବାହିତକୁ ଡାକୁ ଫଟୋ ଉତ୍ତୋଳନ କରିବା ଏବଂ ଏହା ଚିନ୍ତା ନକରିବା କି ଉକ୍ତ ପ୍ରସଙ୍ଗଟି କେବଳ ବଂଶର ନିକଟ ପରିଧି ମଧ୍ୟରେ ସୀମିତ ଅଟେ। ଏଥି ସଂକ୍ରାନ୍ତରେ ସ୍ୱଷ୍ଟ ରୂପେ ବାରମ୍ବାର ଉପଦେଶ ଦିଆଯିବା ଉଚିତ୍ ଯେ, ଆପଣ ଯଦି ପରିବାରବର୍ଗଙ୍କ ଭିଡ଼ିଓ ଇତ୍ୟାଦି କରିବେ ତେବେ ପ୍ରଥମେ ଅତିଥିମାନଙ୍କୁ ସାବଧାନ ଓ ସତର୍କକ କରିଦିଆଯାଉ । କେବଳ ସିମିତ ପରିବାରବର୍ଗ ତଥା ବଂଶ ପରିଧି ମ ଧରେ ହିଁ ନିଜର ସୌକକୁ ପୂର୍ଣ୍ଣ କରାଯାଉ ସମସ୍ତଙ୍କ ପାଇଁ ନୁହେଁ ।"**(ଦୈନିକ ଅଲ୍ ଫଜଲ୍, ରବୱା, 2002 ମସିହା, ଜୁନ୍ ମାସ 26 ତାରିଖ, ପୃ-4)**
**(ରିସ୍ତା ନାତା ବିଭାଗ, ନଜାରତ୍ ଇସଲାହ୍ ଓ ଇର୍ଶାଦ୍ ମର୍କଜିୟା, କାଦିୟାନ୍)**

☆--☆--☆

## ପୃ-9ରେ ବର୍ଣ୍ଣିତ ଖୁତବା ଜୁମା 10-08-2025ର ଅବଶିଷ୍ଟାଂଶ....

ସ.ଅଙ୍କ ସମେତ ସମସ୍ତ ମୁସଲମାନମାନଙ୍କର ମୂଳୋତ୍ପାଟନ କରିଦେବ । ଏହିପରି ଭାବରେ କପଟବିଶ୍ୱାସୀମାନେ ଏବଂ ଅନ୍ୟ ବିରୋଧୀମାନେ ଏହା ଚାହୁଁଥିଲେ ଯେ, ଆଁହଜରତ ସ.ଅ ସ୍ୱୟଂ ସୈନ୍ୟବାହିନୀର ମୁକାବିଲା କରିବା ନିମନ୍ତେ ମଦିନାରୁ ସିରୀୟା ଅଭିମୁଖେ ବାହାରି ଆସନ୍ତୁ । ଉଭୟ ପରିସ୍ଥିତରେ ଯାତ୍ରାର କ୍ଳୀଷ୍ଟତା କିମ୍ବା କୈସରେ ରୋମର ମୁକାବିଲା କରିବା ଦ୍ୱାରା ମୁସଲମାନ ଏବଂ ଆଁହଜରତ୍ ସ.ଅଙ୍କର ବିନାଶକୁ ସୁନିଶ୍ଚିତ କରିଦେବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଏହା ଥିଲା ସେମାନଙ୍କର ଇଚ୍ଛା ଓ ଅଭିଳାଷା । ଏହାର ଦୀର୍ଘ ବିବରଣୀ ରହିଛି ଯାହା **ଇନ୍‌ଶାଅଲ୍ଲାଃ** ଆସନ୍ତା ଖୁତ୍‌ବାରେ ବର୍ଣ୍ଣାନ କରିବି । ବର୍ତ୍ତମାନ ମୁଁ ଏକି ଘୋଷଣା କରୁଛି ଯେ, ରବୱାର ଗୋଲ୍‌ବଜାର ସ୍ଥିତ ମସ୍‌ଜିଦେ ମହ୍‌ଦୀ ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିଦେଇଛନ୍ତି ଏବଂ ଆମମାନଙ୍କର ଅର୍ଥାତ୍ ଅହମଦିମାନଙ୍କର 6 ଜଣ ବ୍ୟକ୍ତିମାନେ ସେଠାରେ ଆହତ ହୋଇଛନ୍ତି । ଦୁଇ ଜଣ ବ୍ୟକ୍ତି ଗମ୍ଭୀର ରୂପେ ଆହତ ହୋଇଛନ୍ତି । ସେମାନଙ୍କର ଅପରେସନ ମଧ୍ୟ ହୋଇଛି। ଅଲ୍ଲାଃତାଲା କରନ୍ତୁ କି ସେହି ଆହତମାନଙ୍କର ସ୍ୱାସ୍ଥ୍ୟାବସ୍ଥାର ଯଥାଶୀଘ୍ର ସୁଧାର ଆସୁ । **ଆମିନ୍** । ସେହିପରି ଅନ୍ୟ ଆହତମାନେ ମଧ୍ୟ ରହିଛନ୍ତି। ଅଲ୍ଲାଃତାଲା ସମସ୍ତ ଆହତମାନଙ୍କ **(ଅବଶିଷ୍ଟାଂଶ...ପୃ-11ରେ)**

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

## ଇଚ୍ଛୁକ ଓ ଆଗ୍ରହୀ ପ୍ରାର୍ଥୀମାନେ ଦୟାକାରି ଧ୍ୟାନ ଦିଅନ୍ତୁ ! ନିଜାମତ୍ ତାମିରାତ୍ (ନିର୍ମାଣ ବିଭାଗ) କାଦିୟାନରେ ଜଣେ ଇଲେକ୍ଟ୍ରିକାଲ୍ ସୁପରଭାଇଜରର ଆବଶ୍ୟକତା ରହିଛି ।

**ସର୍ତ୍ତାବଳୀ/ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତା :**

(1) ପ୍ରାର୍ଥୀଙ୍କୁ 18 ବର୍ଷରୁ କମ୍ ବୟସ ହୋଇ ନଥିବା ଉଚିତ୍ ଏବଂ 50 ବର୍ଷରୁ ଅଧିକ ବୟସ ହୋଇ ନଥିବା ଉଚିତ୍ (ପରିସ୍ଥିତିକୁ ଧ୍ୟାନରେ ରଖି ଜରୁରୀ କାଳୀନ ସ୍ଥିତିରେ ବିଚାର କରାଯାଇ ପାରିବ) ।

(2) ପ୍ରାର୍ଥୀ ଜଣକ ଇଲେକ୍ଟ୍ରିକାଲ ଫିଲ୍ଡ଼ରେ ପ୍ରମାଣ ପତ୍ର କିମ୍ବା Trade Qualification (ଉଦାହରଣ ସ୍ୱରୂପ କଳା, ବାଣିଜ୍ୟ ଆଦି ସଂସ୍ଥାନରୁ ଭୋକେସନାଲ ସ୍କୁଲରୁ) ପ୍ରାପ୍ତ କରିଥିବା ଉଚିତ୍ ।

(3) ପ୍ରାର୍ଥୀ ନିକଟରେ ଇଲେକ୍ଟ୍ରିକାଲ୍ ସୁପରଭାଇଜରର ଲାଇସେନସ୍ ହୋଇଥିବା ଉଚିତ୍ ।

(4) ପ୍ରାର୍ଥୀ ନିକଟରେ ଅତିରିକ୍ତ ସାର୍ଟିଫିକେଟ୍ ଯଥା- Safety Certificate, First Aid/CPR Training, Certificate Of HV/LV Switching Operations ହେବା ଉଚିତ୍ ।

(5) ପ୍ରାର୍ଥୀଙ୍କୁ ଅନ୍ତତଃ ଇଲେକ୍ଟ୍ରିକାଲ ଇନଷ୍ଟଲେସନ, ମରାମତି କିମ୍ବା ପ୍ରୋଜେକ୍ଟ ୱାର୍କରେ 2 ବର୍ଷ ବ୍ୟବହାରିକ ଅଭିଜ୍ଞତା ରହିଥିବା ଉଚିତ୍ ।

(6) ପ୍ରାର୍ଥୀଙ୍କୁ ସୁପରଭାଇଜର କିମ୍ବା Lead Technician Roleର ଅତି କମରେ 1 ବର୍ଷର ଅଭିଜ୍ଞତା ରହିଥିବା ଉଚିତ୍ ।

(7) ପ୍ରାର୍ଥୀଙ୍କୁ Industrial electrical systems,Control panels,Switchgear,Power Distribution Systems,Wiring and Conduit Systemsର କାର୍ଯ୍ୟର ଅଭିଜ୍ଞତା ରହିଥିବା ଉଚିତ୍ ।

(8) ପ୍ରାର୍ଥୀ Electricians କିମ୍ବା Techniciansର ଟିମକୁ ମ୍ୟାନେଜ୍ (ପରିଚାଳନା) କରିବାର ଅଭିଜ୍ଞତା ରହିଥିବା ଉଚିତ୍ ।

(9) ପ୍ରାର୍ଥୀଙ୍କୁ ନିକଟରେ ଇଲେକ୍ଟ୍ରିକାଲ୍ Codes ଏବଂ ସୁରକ୍ଷା ସ୍ତରର ଗଭୀର ଅବବୋଧ (ବୁଝିବା, ଧାରଣା) ରହିଥିବା ଉଚିତ୍ ।

(10) ପ୍ରାର୍ଥୀଙ୍କୁ ନିକଟରେ ଇଲେକ୍ଟ୍ରିକାଲ୍ Drawings ଓ Blueprints ପାଠ କରିବାର ଦକ୍ଷତା ରହିଥିବା ଉଚିତ୍ ।

(11) ପ୍ରାର୍ଥୀ ଇଲେକ୍ଟ୍ରିକାଲ୍ ସମସ୍ୟାକୁ ଅତି ସହଜରେ Troubleshooting କରିପାରୁଥିବା ଉଚିତ୍ ।

(12) ପ୍ରାର୍ଥୀ ନିକଟରେ ଭାଷା, ଯୋଗାଯୋଗ ଦକ୍ଷତା ଏବଂ ଟିମ୍ ଲିଡ଼ରଶିପରେ ଅଭିଜ୍ଞ ଓ ପାରଙ୍ଗମ ହୋଇଥିବା ଉଚିତ୍ ।

(13) ପ୍ରାର୍ଥୀ ସୁସ୍ଥ ହୋଇଥିବା ଉଚିତ୍ । ପ୍ରାର୍ଥୀଙ୍କର ଧାର୍ମିକ ଏବଂ ଚାରିତ୍ରିକ ଅବସ୍ଥା ଉତ୍ତମ ହୋଇଥିବା ଉଚିତ୍ ଏବଂ କାମ କଲାବାଲା ସହକର୍ମୀଙ୍କ ସହିତ ନମ୍ରତା ପ୍ରଦର୍ଶନ କରୁଥିବା ଉଚିତ୍ ।

**ଆବଶ୍ୟକୀୟ ମାର୍ଗଦର୍ଶିକା ବା ନିର୍ଦ୍ଦେଶାବଳୀ :**

(1) ସାପ୍ତାହିକ ବଦରରେ ଉକ୍ତ ଘୋଷଣାର ଶେଷ ଘୋଷଣାର 2 ମାସ ମଧ୍ୟରେ ଯେଉଁ ଆବେଦନଗୁଡ଼ିକ କାର୍ଯ୍ୟାଳୟରେ ହସ୍ତଗତ ହେବ ସେହି ଆବେଦନଗୁଡ଼ିକ ଉପରେ ହିଁ ବିଚାର କରାଯିବ ।

(2) ଇଚ୍ଛୁକ ପ୍ରାର୍ଥୀମାନେ ନିଜ ନିଜର ଆବେଦନ ପ୍ରକାଶିତ ଆବେଦନ ଫର୍ମ ପୂରଣ କରି ଜିଲ୍ଲା ଅମୀର୍/ସ୍ଥାନୀୟ ଅମୀର୍/ସଦର୍ ଜମାଅତ୍/ମୁବ୍ଲିଗ୍ ଇନ୍‌ଚାର୍ଜଙ୍କ ଦ୍ୱାରା ପୁଷ୍ଟିଗତ ଦସ୍ତଖତ ଏବଂ ମୋହର ସହିତ କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ ।

(3) ଇଣ୍ଟରଭ୍ୟୁ (ସାକ୍ଷାତ୍କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୂର୍ ହସ୍ପିଟାଲ୍ କାଦିୟାନ୍‌ଙ୍କ ଦ୍ୱାରା ଡାକ୍ତରୀ ପରୀକ୍ଷା କରାଇବାକୁ ପଡ଼ିବ । ଯେଉଁ ପ୍ରାର୍ଥୀ ନୁର୍ ହସ୍ପିଟାଲଙ୍କ ମେଡ଼ିକାଲ କର୍ତ୍ତୃପକ୍ଷ ବୋର୍ଡ଼ଙ୍କ ଅନୁଯାୟୀ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା କରିବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ।

(4) କାଦିୟାନ୍ ଯିବା ଆସିବା ନିମନ୍ତେ ବାଟ ଖର୍ଚ୍ଚ ଓ ମେଡ଼ିକାଲ୍ ସାର୍ଟିଫିକେଟର ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

(5) ଇଣ୍ଟରଭ୍ୟୁ ସମୟରେ ପ୍ରାର୍ଥୀଙ୍କୁ ନିଜର ଶିକ୍ଷାଗତ ଯୋଗ୍ୟତାର ସମସ୍ତ ସାର୍ଟିଫିକେଟ୍ ନିଜ ସାଙ୍ଗରେ ଆଣିବା ଆବଶ୍ୟକ ଅଟେ।

**ନୋଟ୍:** ଇଣ୍ଟରଭ୍ୟୁର ତାରିଖ ସହିତ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।

**ଅଧିକ ତଥ୍ୟ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ**

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍, ଗୁର୍ଦାସପୁର, ପଞ୍ଜାବ, ପିନ୍ କୋଡ୍-143516, ମୋବାଇଲ୍ ନଂ: 9682587713 ,9888232530, 9682627592, କାର୍ଯ୍ୟାଳୟ: 01872-501130
Email:diwan@qadian.in

## ହଦିସର ଅନୁମତିର ଅର୍ଥ ଏହା ନୁହେଁ ଯେ, ପରସ୍ପରକୁ ବୁଝିବା ନିମନ୍ତେ ସବୁବେଳେ ଅଲଗା ସ୍ଥାନରେ ଯାଇ ବସିବେ ?

### ହଜରତ୍ ଖଲିଫତୁଲ୍ ମସିହ୍ ଖାମିସ ଅ.ବ (ପଞ୍ଚମ ଖଲିଫା)ଙ୍କ ନିତୀବାଣୀ

ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ହ. ମୁଗିରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ସେ ଏକ ସ୍ଥାନାରେ ନିଶାନୀ କରିବାକୁ ସନ୍ଦେଶ ପ୍ରେରଣ କଲେ । ତେବେ ଆପଣ ସ.ଅ କହିଲେ, ହେ ମୁଗିରାହ୍ ! ତୁମେ ସେହି କନ୍ୟାକୁ ଦେଖିନିଅ । କାରଣ ଏପରି ଦେଖିବା ଦ୍ୱାରା ତୁମ ମଧ୍ୟରେ ଓ କନ୍ୟା ମଧ୍ୟରେ ସମନ୍ୱୟତା ଏବଂ ପ୍ରେମ ସଂପର୍କ ଗଢି ଉଠିବାର ସମ୍ଭାବନା ଅଧିକ ରହିଛି ।

**(ତିର୍ମିଜି, କିତାବୁନ୍ ନିକାହ୍, ବାବ୍- ଫିନ୍ ନଜରି ଇଲଲ୍ ମଖତୁବତି)**

ଉପରୋକ୍ତ ହଦିସରେ ଯେଉଁ ଅନୁମତି ପ୍ରଦାନ କରାଯାଇଛି ତାହାକୁ ଆଜିକାଲି ସମାଜରେ କେତେକ ଲୋକମାନେ ଭୁଲ୍ ଅର୍ଥ ମନେକରି ନେଇଛନ୍ତି । ସେହି ଲୋକମାନେ ଏହି ଅର୍ଥ ଗ୍ରହଣ କରି ନେଇଛନ୍ତି ଯେ, ପରସ୍ପରକୁ ବୁଝିବା ନିମନ୍ତେ ବର ଓ କନ୍ୟା ପରିବାର ବର୍ଗଙ୍କ ଠାରୁ ପୃଥକ୍ ରୁହନ୍ତୁ ଏବଂ ଅଲଗା ବୁଲାବୁଲି କରୁ ଥାଆନ୍ତୁ.......ଘରମାନଙ୍କର ମଧ୍ୟ ବର ଓ କନ୍ୟା ଘଣ୍ଟା ଧରି ଭିନ୍ନ ହୋଇ ବସି ରହିଥାଆନ୍ତି । ତେଣୁ ଏହି ପ୍ରସଙ୍ଗଟି ଭୁଲ୍ ଅଟେ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ପରସ୍ପର ସମ୍ମୁଖକୁ ଆସି ପରସ୍ପରର ମୁଖକୁ ଦେଖି ପରସ୍ପରକୁ ଦେଖିବା ବୁଝିବାରେ ସହଜତା ସୃଷ୍ଟି ହୋଇଥାଏ । କଥାବାର୍ତ୍ତା କରିବା ସମୟରେ କେତେକ ଗତିବିଧି ସଂପର୍କରେ ଜଣା ପଡ଼ି ଯାଇଥାଏ । ଅର୍ଥାତ୍ ପୁଅ ଝିଅର ଦୋଷଦୁର୍ବଳତା ଏବଂ ସୁଗୁଣ ସଂପର୍କରେ ଜାଣିପାରି ଥାଏ ଓ ଝିଅ ପୁଅର ଦୋଷଦୁର୍ବଳତା ଏବଂ ସୁଗୁଣ ସଂପର୍କରେ ଜାଣିପାରି ଥାଏ ।

ପୁନଶ୍ଚ ଆଜିକାଲିକା ଯୁଗରେ ଘରର ସଦସ୍ୟମାନଙ୍କ ସହିତ ବସି ଖାଦ୍ୟ ଖାଇବାରେ କୌଣସି ଅସୁବିଧା ଓ ଆପତ୍ତି ନାହିଁ । ଆହାର ଖାଇବା ସମୟରେ ମଧ୍ୟ ପରସ୍ପରର ଅନେକ ଗତିବିଧି ଓ ଅଭ୍ୟାସ ପ୍ରକାଶିତ ହୋଇଯାଇଥାଏ । ଯଦି ଏପରି କୌଣସି କଥା ଭଲ ନଲାଗେ ତେବେ ଆଗରୁ ଜଣା ପଡ଼ିଯିବ ଏବଂ ପରବର୍ତ୍ତୀ ସମୟରେ କଳି ଝଗଡ଼ା ହେବ ନାହିଁ । ଯଦି ସୁଗୁଣ ରହିଛି ତେବେ ସମନ୍ୱୟ ଓ ପ୍ରେମ ସଂପର୍କ ଗଢି ଉଠିଥାଏ.......ବେଳେବେଳେ ଅନ୍ୟ ଲୋକମାନଙ୍କର ଏହି ଭୂମିକା ହୋଇ ଯାଇଥାଏ ଯେ, ଯଦି କାହା ସହିତ ରିଷ୍ତା (ନିର୍ବନ୍ଧ) ହୋଇଗଲା ତେବେ ସେହି ସଂପର୍କକୁ ଭାଙ୍ଗିବା ନିମନ୍ତେ ଉଦ୍ୟମ କରିଥାଆନ୍ତି । ସେମାନଙ୍କୁ ସମ୍ମୁଖରେ ମିଳିବା ନିମନ୍ତେ ସୁଯୋଗ ମିଳି ନଥାଏ ।

ପୁଅ ଝିଅ ପରସ୍ପରର ଗତିବିଧିକୁ ଲକ୍ଷ୍ୟ କରିବା ଦ୍ୱାରା ପରସ୍ପରକୁ ଜାଣିଯାଇଥିବେ । କିନ୍ତୁ ବେଳେବେଳେ କେତେକ ଲୋକ ଅନ୍ୟ ପାର୍ଶ୍ୱରୁ ଚରମ ସୀମାକୁ ପହଞ୍ଚି ଯାଇଥାଆନ୍ତି । ସେମାନେ ଆଦୌ ଏହା ସହ୍ୟ କରିପାରନ୍ତି ନାହିଁ ଯେ, ପୁଅ ଝିଅ ବା ବର କନ୍ୟା ବିବାହ ପୂର୍ବରୁ କିମ୍ବା ସନ୍ଦେଶ ସମୟରେ ପରସ୍ପର ମୁହାଁମୁହିଁ ହୋଇ ବସିବେ । ଏହାକୁ ସ୍ୱାଭିମାନର ନାମ ପ୍ରଦାନ କରାଯାଇଥାଏ । ଇସଲାମ୍ ଧର୍ମର ଶିକ୍ଷା ଏକ ମଧ୍ୟବର୍ତ୍ତୀ ଶୀକ୍ଷା ଉପରେ ପର୍ଯ୍ୟବେସିତ ଅଟେ । ନା କୌଣସି ଶିକ୍ଷା ନ୍ୟୂନ ରହିଛି ଓ ନା ହିଁ କୌଣସି ଶିକ୍ଷା ଆଧିକ୍ୟତା ରହିଛି । ସେହିପରି ଇସଲାମ୍ ଧର୍ମ ଚରମତ୍ୱ, ଚରମ ପଦକ୍ଷେପ ଗ୍ରହଣ କରିବା ସମ୍ପର୍କରେ ଓ ଏହା ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ଜୋର ଦେଇଥାଏ । ଏହା ଦ୍ୱାରା ଅର୍ଥାତ୍ ଇସଲାମ୍ ଧର୍ମର ଶିକ୍ଷା ଦ୍ୱାରା ହିଁ ମନୁଷ୍ୟ ସମାଜରେ ଶାନ୍ତିରେ ଜୀବନ ଯାପନ କରିବ ଓ ସମାଜରେ ଉପଦ୍ରବରୁ ଦୂରେଇ ରହି ପାରିବ । **(ଖୁତବାତେ ମସ୍ରୁର, ଗ୍ରନ୍ଥଖଣ୍ଡ-2, ପୃ-934) (ଶୋବା ରିସ୍ତା ନାତା, ନଜାରତ୍ ଇସଲାହ୍ ଓ ଇର୍ଶାଦ୍ ମର୍କଜିୟା, କାଦିୟାନ୍)**

☆--☆--☆

### ପୃ-10 ରେ ବର୍ଣ୍ଣିତ ହଦିସ୍ ଓ ହୁଜୁର ଅନୱର୍ ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଉପଦେଶର ଅବଶିଷ୍ଟାଂଶ....

ଉପରେ କୃପା ଅବତୀର୍ଣ୍ଣ କରନ୍ତୁ ଏବଂ ଯେଉଁ ଦୁଇ ଜଣ ବ୍ୟକ୍ତି ଗୁରୁତର ଭାବରେ ଆହତ ହୋଇଛନ୍ତି ସେମାନଙ୍କ ପେଟରେ ଗୁଳି ବାଜିଛି । ସେହିପରି ଆମର ସିକ୍ୟୁରିଟି ଗାର୍ଡ଼ମାନେ ଜଣେ ଆତଙ୍କବାଦୀକୁ ମାରି ଦେଇଛନ୍ତି ଓ **(ଅବଶିଷ୍ଟାଂଶ...ପୃ-12ରେ)**

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Mianjan Khan,
Jamat Ahmadiya Nargaon,
Dist- Cuttack, (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 20 November 2025 Issue No. 47

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

## ପୃ-12ରେ ବର୍ଣ୍ଣିତ ହଦିସ୍ ଓ ହୁଜୁର ଅନୱର୍ ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଉପଦେଶର ଅବଶିଷ୍ଟାଂଶ....

ଆଉ ଜଣେ ଆତଙ୍କବାଦୀ ଖସି ପଳାଇଛି । ଏହା ହିଁ ବର୍ତ୍ତମାନ ସୁଦ୍ଧା ପ୍ରାପ୍ତ ହୋଇଥିବା ରିପୋର୍ଟ ରହିଛି । ଅବିଶିଷ୍ଟ ରିପୋର୍ଟ ମଧ୍ୟ ହସ୍ତଗତ ହେବ ।

ହୁଜୁର ଅନୱର୍ ଅ.ବ କହିଲେ, ଅଲ୍ଲାଃତାଲା ସେହି ଆତଙ୍କବାଦୀ ଗୋଷ୍ଠୀମାନଙ୍କୁ ଏବଂ ଆଇନ ଉଲ୍ଲଂଘକାରୀମାନଙ୍କୁ ଓ ଜମାଅତର ବିରୋଧୀମାନଙ୍କର ଯଥାଶୀଘ୍ର ଧରନ୍ତୁ । ଆମିନ୍ ।

ପଞ୍ଜାବ ସରକାର ଏବଂ ପ୍ରଧାନମନ୍ତ୍ରୀ ଏହି ଦାବି କରୁଛନ୍ତି ଯେ, ପଞ୍ଜାବରେ ଶତପ୍ରତିଶତ ଅପରାଧ ନିୟନ୍ତ୍ରଣ ହୋଇ ସାରିଛି ଏବଂ ବର୍ତ୍ତମାନ ଆଉ କେହି ବି ଅପରାଧୀ ବାକି ରହିଲା ନାହିଁ । କିନ୍ତୁ ଅହମଦିମାନଙ୍କ ଉପରେ ପ୍ରତ୍ୟେକ ଦିନ ଯେଉଁ ଆକ୍ରମଣ ହୋଇଥାଏ, ଅହମଦିମାନଙ୍କୁ ଶହୀଦ୍ କରାଯାଉଛି କିମ୍ବା ଆହତ ହେଉଛନ୍ତି ଅବା ଅହମଦିମାନଙ୍କର ଧନକୁ ନିଆଁ ଲଗାଇ ଦିଆଯାଉଛି ତାହାକୁ ସମ୍ଭବତଃ ଏମାନେ ଅପରାଧ ବୋଲି ମନେ କରୁ ନାହାନ୍ତି ।

ଅଲ୍ଲାଃ ସେହି ସରକାରକୁ ମଧ୍ୟ ସଦବୁଦ୍ଧି ପ୍ରଦାନ କରନ୍ତୁ ଓ ଯଥାଶୀଘ୍ର ଅଲ୍ଲାଃତାଲା ଜମାଅତ୍ ସପକ୍ଷରେ ନିଦର୍ଶନ ପ୍ରକାଶିତ କରନ୍ତୁ । ଆମିନ୍ । **(ଅଲ୍ ଫଜଲ ଇଣ୍ଟରନ୍ୟାସନଲ୍, 2025 ମସିହା, ଅକ୍ଟୋବର ମାସ 31, 2025 ମସିହା ତାରିଖ, ପୃ- 2-7)**

☆--☆--☆

## ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ବିଶେଷ ଉପସ୍ଥାପନ "ଐତିହାସିକ କାର୍ଯ୍ୟକ୍ରମ"

ଜମାଅତ୍ ଅହମଦିୟାର ସ୍ୱର୍ଣ୍ଣିମ ଇତିହାସ ଉପରେ ଆଧାରିତ କାର୍ଯ୍ୟକ୍ରମ ! ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଆ ପକ୍ଷରୁ ଏକ ବିଶେଷ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ଜମାଅତ୍ ଅହମଦିୟାର ଇତିହାସରେ ଘଟିଥିବା ମୁଖ୍ୟ ଘଟଣାବଳୀର ବିବରଣୀମାନ ଉପସ୍ଥାପିତ କରାଯାଇଛି । ଯେଉଁଠି ଉକ୍ତ ଘଟଣାବଳୀ ଘଟିଛି ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ସେହି ଐତିହାସିକ ସ୍ଥାନକୁ ସେନ୍ଦ୍ର କରି ଉକ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ତହିଁରେ ସଂକ୍ଷିପ୍ତ ଡକ୍ୟୁମେଣ୍ଟାରୀ (ପ୍ରାମାଣିକ ଭିଡ଼ିଓମାନ) ଇତ୍ୟାଦି ମଧ୍ୟ ଅନ୍ତର୍ଭୁକ୍ତ ରହିଛି । କାରଣ ଦର୍ଶକମାନେ ଏହା ଜାଣନ୍ତୁ ଯେ, ଏହି ସ୍ଥାନଗୁଡ଼ିକର ନାମ କ'ଣ, କେଉଁଠି ଏହି ସ୍ଥାନଗୁଡ଼ିକ ଅବସ୍ଥିତ ଅଟନ୍ତି? ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ । ତତ୍‌ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ ଚ୍ୟାନେଲ୍‌ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି। ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ମୁତାବକ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୁଅନ୍ତୁ ଏବଂ ଜମାଅତ୍‌ର ଇତିହାସ ସହିତ ଅବଗତ ହୁଅନ୍ତୁ । ଏମ୍.ଟି.ଏର ଅଫିସିୟାଲ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏର ଅଫିସିୟାଲ୍ Youtube ଚ୍ୟାନେଲ୍

ଏମ୍.ଟି.ଏର ଅଫିସିୟାଲ୍ Whatsappp ଚ୍ୟାନେଲ୍

## ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ଅନନ୍ୟ ଉପସ୍ଥାପନ "ପୁସ୍ତକ ପରିଚୟ"

ରୁହାନୀ ଖଜାଏନ୍ ଏବଂ ଅନୱାରୁଲ୍ ଉଲୁମ୍‌ର ସାମଗ୍ରିକି ସମୀକ୍ଷା ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଆ ପକ୍ଷରୁ "**ପୁସ୍ତକ ପରିଚୟ**" ଉପରେ ଆଧାରିତ ଏକ ନୂତନ ତଥ୍ୟଭିତ୍ତିକ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ରୁହାନୀ ଖଜାଏନ୍, ଅନୱାରୁଲ୍ ଉଲୁମ ଗ୍ରନ୍ଥର ପୁସ୍ତକ ପରିଚୟ ଉପସ୍ଥାପିତ କରାଯାଇଥାଏ। ଏହି କାର୍ଯ୍ୟକ୍ରମଗୁଡ଼ିକ ମୁଖ୍ୟତଃ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ନିମନ୍ତେ ଜ୍ଞାନଭିତ୍ତିକ, ଆଧାତ୍ମିକ ଓ ସାଂସ୍କାରିକ ଦୃଷ୍ଟିରୁ ଅତ୍ୟନ୍ତ ଉପାଦେୟ ଅଟନ୍ତି । ଉକ୍ତ କାର୍ଯ୍ୟକ୍ରମ ସାହାଯ୍ୟରେ ପୁସ୍ତକଗୁଡ଼ିକୁ ବୁଝିବାରେ ବେଶ୍ ସହାୟକ ଏବଂ ପୁସ୍ତକ ଅଧ୍ୟୟନ କରିବା ପ୍ରତି ସଦସ୍ୟବୃନ୍ଦଙ୍କ ମଧ୍ୟରେ ଆଗ୍ରହ ତଥା ରୁଚି ସୃଷ୍ଟି ହୋଇଥାଏ । ତେଣୁ ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ ଏବଂ ତତ୍‌ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ୍ ଚ୍ୟାନେଲ୍ (MTA International India Studios) ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି । ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ଅନୁଯାୟୀ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୋଇପାରିବେ । ଏମ୍.ଟି.ଏର ଅଫିସିୟାଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏର ଅଫିସିୟାଲ୍ Youtube ଚ୍ୟାନେଲ୍

ଏମ୍.ଟି.ଏର ଅଫିସିୟାଲ୍ Whatsappp ଚ୍ୟାନେଲ୍

## କ'ଣ ଆପଣମାନେ ପ୍ରତ୍ୟେକ ଦିନ ନିମ୍ନଲିଖିତ ଦୁଆ ଜପନ୍ତି କି ?

سُبْحَانَ اللّٰهِ وَبِحَمْدِهٖ سُبْحَانَ اللّٰهِ الْعَظِيْمِ

اَللّٰهُمَّ صَلِّ عَلٰى مُحَمَّدٍ وَّاٰلِ مُحَمَّدٍ

**ଅନୁବାଦ:** ଅଲ୍ଲାଃତାଲା ନିଜର ପ୍ରଶଂସା ସହିତ ପବିତ୍ର ଅଟନ୍ତି, ଅଲ୍ଲାଃତାଲା ପବିତ୍ର ଅଟନ୍ତି ଏବଂ ସେ ମହାନ୍ ଅଟନ୍ତି । ହେ ଅଲ୍ଲାଃ ତୁମ୍ଭେ ମୁହମ୍ମଦ୍ ସ.ଅଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ କର ଓ ଆପଣ ସ.ଅଙ୍କ ପରିବାରବର୍ଗଙ୍କ ଉପରେ ମଧ୍ୟ ଶାନ୍ତି ଅବତୀର୍ଣ୍ଣ କର ।

☆--☆--☆

اَسْتَغْفِرُ اللّٰهَ رَبِّيْ مِنْ كُلِّ ذَنْبٍ وَّاَتُوْبُ اِلَيْهِ

**ଅନୁବାଦ:** ଅଲ୍ଲାଃତାଲାଙ୍କ ନିକଟରେ ମୁଁ କ୍ଷମାପ୍ରାର୍ଥୀ ଅଟେ, ସେ ମୋର ପାଳନକର୍ତ୍ତା ଅଟନ୍ତି । ମୁଁ ତାହାଙ୍କ ଆଡ଼କୁ ହିଁ ଆନତ ହେଉଅଛି (ନତମସ୍ତକ ହେଉଅଛି) ।

☆--☆--☆

رَبِّ كُلُّ شَيْءٍ خَادِمُكَ رَبِّ فَاحْفَظْنِيْ وَانْصُرْنِيْ وَارْحَمْنِيْ

**ଅନୁବାଦ:** ହେ ମୋର ପାଳନକର୍ତ୍ତା ! ପ୍ରତ୍ୟେକ ବସ୍ତୁ ତୁମ୍ଭର ସେବକ ଅଟେ । ତେଣୁ ହେ ମୋର ପାଳନକର୍ତ୍ତା ! ତୁମ୍ଭେ ମୋତେ ସୁରକ୍ଷିତ ଏବଂ ନିରାପଦ ରଖ, ମୋତେ ସାହାଯ୍ୟ କର ଓ ମୋ ଉପରେ ଦୟା କର ।

☆--☆--☆

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَيْسَ اللّٰهُ بِكَافٍ عَبْدَهٗ

(ଅଜ୍ କ୍ରମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

**(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫକତା ଫି ସବିଲିଲ୍ଲାଃହି )**

**ତାଲିବେ ଦୁଆ:** Shenaz Begum, W/o- Sheikh Ghulam Ahmed & Family, Jamat Ahmadiya Bhadrak (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan